# ୧୩ ବର୍ଷ ପରେ ଜଳେଶ୍ୱର-ଦୀଘା ରେଳପଥକୁ ଅର୍ଥ ବରାଦ

ଜଳେଶ୍ୱର ବ୍ଲକ, ୪।୨(ସମିସ):




ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜଳେଶ୍ୱରବାସୀ

୧୩ବର୍ଷ ପୂର୍ବେ ଜଳେଶ୍ୱର-ଦୀଘା ରେଳପଥ ସଂଯୋଗ ଲାଗି ପରିକଳ୍ପନା ହୋଇଥିବାବେଳେ ଏବେ ୧ ହଜାର କୋଟି ଟଙ୍କା ବ୍ୟୟରେ ତାହା ସାକାର ହେବାକୁ ଯାଉଥିବାରୁ ରେଳ ମନ୍ତ୍ରୀଙ୍କୁ ଜଳେଶ୍ୱରବାସୀ କୃତଜ୍ଞତା ଜଣାଇଛନ୍ତି। ଅର୍ଥ ମଞ୍ଜୁର ହୋଇଥିବାରୁ ସର୍ଭେ କାର୍ଯ୍ୟ ହେବା ସହିତ ଅଧିଗ୍ରହଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣାଯାଇଛି।

୨୦୧୦-୧୧ ମସିହାରେ ରେଳ ବଜେଟରେ ଜଳେଶ୍ୱର-ଦୀଘା ରେଳପଥ ଲାଗି ଅର୍ଥମଞ୍ଜୁର ହୋଇଥିଲା। ଏହାପୂର୍ବରୁ ଭୋଗରାଇ ବିଧାୟକ ଅନନ୍ତ ଦାସ, ତତ୍‌କାଳୀନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଏକ ବିଧାନସଭା ଟିମ୍ ରେଳମନ୍ତ୍ରୀଙ୍କୁ ଭେଟି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପର୍ଯ୍ୟାୟକ୍ରମେ ୨୦୧୦-୧୧ରେ ୨କୋଟି, ୨୦୧୧-୧୨ରେ ୧କୋଟି, ୨୦୧୨-୧୩ରେ ୧୫୦ କୋଟି, ୨୦୧୩-୧୪ରେ ୨ କୋଟି, ୨୦୧୪-୧୫ରେ ୫କୋଟି ଓ ୨୦୧୫-୧୬ରେ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଜମି ଅଧିଗ୍ରହଣ ଲାଗି ଅର୍ଥ ମିଳି ନ ଥିବାରୁ ଏହି କାର୍ଯ୍ୟ ଆଦୌ ଆଗେଇ ପାରି ନ ଥିଲା। ମୋଟ ୪୧ କିମି ରାସ୍ତା ମଧ୍ୟରୁ ସିଂହ ଭାଗ ଓଡ଼ିଶାର ଭୋଗରାଇ ଓ ଜଳେଶ୍ୱର ବ୍ଲକ ଅଞ୍ଚଳରେ ଥିବାବେଳେ ମାତ୍ର ୭ କିମି ପଶ୍ଚିମବଙ୍ଗର ରହିଛି। ୨୦୧୦-୧୧ରେ ରେଳବାଇର ଏକ ୪ଜଣିଆ ଟିମ୍ ସର୍ଭେକାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଏହା ଫଳରେ ଓଡ଼ିଶାର ଭୋଗରାଇ ଅଞ୍ଚଳରେ ଥିବା ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ବାସୁଳୀ ଠାକୁରାଣୀ, ଦହମୁଣ୍ଡାର ଅଷ୍ଟସମ୍ଭ ସହିତ ରାଇବଣିଆ ଦୁର୍ଗ ସ୍ଥାନୀତ ହେଉନଥିବାରୁ ପର୍ଯ୍ୟଟନର ବିକାଶ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେଣୁ ପରବର୍ତ୍ତୀ ସମୟରେ ରେଳବାଇର ଅନ୍ୟଏକ ଟିମ୍ (ବୈଷୟିକ) ଭୋଗରାଇର ବିଧାୟକ ଅନନ୍ତ ଦାସଙ୍କ ପ୍ରଚେଷ୍ଟାରେ ତାଳସାରୀ ଡାକବଙ୍ଗଳା ଠାରେ ରହି ପୁଣି ଅନ୍ୟଏକ ସର୍ଭେ କରାଯାଇଥିଲେ ମଧ୍ୟ ରେଳବିଭାଗର ଉଦାସୀନତା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇନାହିଁ। ଉତ୍ତର ବାଲେଶ୍ୱରର ଧାନ, ପାନ, ମୀନ ବ୍ୟବସାୟରେ ଅଧିକ ଅର୍ଥ ଉପାର୍ଜନ ଏହି ରେଳ ରାସ୍ତାର ଅନ୍ୟଏକ ଲକ୍ଷ୍ୟ ଥିବା ବେଳେ ତମଲୁକଠାରୁ ପୁରୀ ଯାଏ ରେଳ ଚଳାଚଳ ହୋଇପାରିବା ସମ୍ପର୍କରେ କୁହାଯାଇଥିଲା। ଗତ ଜୁନ୍ ୨୧ ତାରିଖରେ ରେଳ ମନ୍ତ୍ରୀ ଭୋଗରାଇ ଗସ୍ତରେ ଯାଇ ଦୀଘାକୁ ସଂଯୋଗ ଲାଗି ପ୍ରଚେଷ୍ଟା ଆରମ୍ଭ କରିଥିଲେ। ରେଳ ମନ୍ତ୍ରୀ ଜଳେଶ୍ୱର-ଭୋଗରାଇ ଗସ୍ତବେଳେ ଜନସାଧାରଣ ବିଭିନ୍ନ ସ୍ଥାନରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ରାସ୍ତା ନିର୍ମାଣ ହୋଇପାରିଲେ ପୂର୍ବଭାରତ ସହିତ ଦକ୍ଷିଣ ଭାରତ ଯୋଗାଯୋଗ ସ୍ଥାପିତ ହୋଇପାରିବା ସହିତ ଗମନାଗମନର ସୁଗମ ହୋଇପାରିବ। ନିକଟରେ କେନ୍ଦ୍ର ସରକାରଙ୍କ ବଜେଟରେ ଏହି ରେଳ ରାସ୍ତାଲାଗି ୧ହଜାର କୋଟି ଟଙ୍କା ମଞ୍ଜୁର ହୋଇଥିବାରୁ ଓଡ଼ିଶା ଦେଇ ଦୀଘାଯାତ୍ରା ସହଜସାଧ୍ୟ ହେବା ସହିତ ପର୍ଯ୍ୟଟନର ବିକାଶ ହୋଇପାରିବ ଏବଂ ଆସନ୍ତା ଦିନରେ କିର୍ତ୍ତନୀୟା ଓ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକାରୀ ହେଲେ ପଣ୍ୟଦ୍ରବ୍ୟ ଯାତାୟାତରେ ସୁବିଧା ହୋଇ ପାରିବ। ଆଜି ଏ ସମ୍ପର୍କରେ ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା, ଜଳେଶ୍ୱର ବଣିକ ସଂଘ ସଭାପତି ସୁଧିର ମହାନ୍ତି, ବିଜେପିର ବ୍ଲକ ସଭାପତି ସାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ପୂର୍ବତନ ଜଳେଶ୍ୱର ପୌରପାଳ ପ୍ରବୀର କୁମାର ପ୍ରଦାନ ପ୍ରମୁଖ ଏହି ରେଳ ରାସ୍ତାକୁ ସ୍ୱାଗତ କରିବା ସହିତ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବାଡ଼ିରେ ଗୋରୁ ପଶିବାକୁ କେନ୍ଦ୍ରକରି ବୃଦ୍ଧଙ୍କୁ ଆକ୍ରମଣ

**ବସ୍ତାବ୍ଲକ/ରୂପସା, ୪।୨(ସମିସ):** ବାଡ଼ିରେ ଗୋରୁ ପଶିବାକୁ କେନ୍ଦ୍ରକରି ଜଣେ ବୃଦ୍ଧଙ୍କୁ ତାଙ୍କ ପଡୋଶୀ ସଂଘବଦ୍ଧ ଭାବେ ମାରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ମନୁଡିହା ଗ୍ରାମର ଲକ୍ଷ୍ମୀଧର ମହାନ୍ତି (୭୬)ଙ୍କ ବାଡି ଭିତରକୁ ରବିବାର ସେମାନଙ୍କ ଗାଈଟି ପଶି ଆସିବାରୁ ଲକ୍ଷ୍ମୀଧର ଗାଈ ଟିକୁ ଘଉଡ଼ାଇ ଦେଇଥିଲେ। ଏନେଇ ତାଙ୍କ ପଡୋଶୀଙ୍କ ସହ ଯୁକ୍ତିତର୍କ ହେବା ପରେ ଘଟଣା ଉଗ୍ରରୂପ ଧାରଣ କରିଥିଲା। ସେମାନେ ଏକ ଧାରୁଆ ଦାଉଲିରେ ଲକ୍ଷ୍ମୀଧରଙ୍କୁ ଆକ୍ରମଣ କରିଥିଲେ। ଲକ୍ଷ୍ମୀଧରଙ୍କ ମୁଣ୍ଡ ଏବଂ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ଲକ୍ଷ୍ମୀଧରଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବସ୍ତା ହସ୍‌ପିଟାଲ ଏବଂ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲ୍ଲା ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଲକ୍ଷ୍ମୀଧରଙ୍କ ପରିବାର ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ଅଟୋ ଓଲଟି ୮ ଶ୍ରମିକ ଆହତ



**ଜଳେଶ୍ୱର, ୪।୨(ସମିସ):** ଚାଷ କାମ ସାରି ଫେରୁଥିଲାବେଳେ ଡ୍ରାଇଭରର ବେପରୁଆ ଗାଡିଚାଳନା ଯୋଗୁଁ ରାସ୍ତାରେ ଓଲଟିଲା ଅଟୋ। ୩ ଜଣ ଗୁରୁତର ହୋଇଥିବାବେଳେ ୫ରୁ ଅଧିକ ଆହତ ହୋଇଛନ୍ତି। ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ମୁରୁଡ଼ା ବ୍ଲକ ପାରିଆପୁଲି ଗ୍ରାମର ୧୭ ଜଣ କୃଷି ଶ୍ରମିକ ପଶ୍ଚିମବଙ୍ଗ ରାଜ୍ୟ ପାଖ ଦାନ୍ତୁଣ ଥାନା ହରିପୁର ଅଞ୍ଚଳରୁ ଧାନ ରୁଆକାମ ସାରି ଏକ ଯାତ୍ରୀବାହୀ ଅଟୋରେ ଘରକୁ ଫେରୁଥିଲାବେଳେ ସୋଲପଟା ରେଳଫାଟକ ଅନତିଦୂରରେ ଏକ କୁକୁର ଆଗ ଚକରେ ପଶିଯିବାରୁ ଅଟୋଟି ରାସ୍ତା କଡ଼ରେ ଥିବା ନୟନ ଯୋରିକୁ ଓଲଟି ପଡ଼ିଥିଲା। ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଥିଲା ବେଳେ ୫ ଜଣ ଆହତ ହୋଇଛନ୍ତି।

## ପୋଖରିଆରେ ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ନୀଳଗିରି, ୪।୨(ସମିସ):** ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ ଜାମୁଡିଆ ପଞ୍ଚାୟତର ପୋଖରିଆ ଗ୍ରାମରେ ଦୁଇ ଦିବସୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡିର ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ। ବାଲକ ପହାଲ ଜୁମିଦ କ୍ଲବ୍ ପୋଖରିଆର ସଭାପତି ମୁଷୁ ମାଝୀ, ସମ୍ପାଦକ ରାମ ଚନ୍ଦ୍ର ମାଝୀ, ଶିଙ୍ଗୁ ମାଝୀ, ସିଦ୍ଧନାଥ ମାଝୀ, କୈଳାସ ଚନ୍ଦ୍ର ମାଝୀ, ଜାମୁଡିଆ ବିଜେଡି ପଞ୍ଚାୟତ ସଭାପତି ହିମାଂଶୁ ସାହୁ, ରାଜୁ ସ୍ୱାଇଁ, ଟୁନା ରାଉତ, ସରପଞ୍ଚ ଚାନ୍ଦ ମଣି ମୁର୍ମୁ, ତ୍ରିଲୋଚନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀମଦ୍ ଭାଗବତ କଥାମୃତ ଉଦ୍‌ଯାପିତ



**ବାଲେଶ୍ୱର, ୪।୨(ସମିସ):** ସପ୍ତାହେବ୍ୟାପି ସୁଗୋ ଗ୍ରାମରେ ଶ୍ରୀମଦ ଭାଗବତ ପ୍ରଚାର ସମିତି ଦ୍ୱାରା ଆୟୋଜିତ ଭାଗବତ ଗୀତାମୃତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଛି। ୨୯ ତାରିଖରେ ରୁଦ୍ରାଭିଷେକରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରତି ଦିନ ସନ୍ଧ୍ୟାରେ ଶ୍ରୀପଦ ରାଇଚରଣ ବାବାଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏହି କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ସମସ୍ତ ମହଲରୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଛି। ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ନନୀଗୋପାଳ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାନ୍ତି, ନିରାଶ୍ରୟ ପରିଡ଼ା, ଦେବଜିତ ପ୍ରଧାନ, ତ୍ରିଲୋଚନ ନାୟକ, ପ୍ରଦୀପ କୁମାର ଭୂୟାଁ, ରଘୁନାଥ ପ୍ରଧାନ ସମେତ ଅନ୍ୟ ଗ୍ରାମବାସୀ ସହଯୋଗ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଡାକ୍ତର ନିଯୁକ୍ତ

**ରାଜବରହମପୁର, ୪।୨(ସମିସ):** ବଣସୀମା ଅଧୀନସ୍ଥ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି। ଦାନ୍ତ ବିଭାଗରେ ଡା.ତନ୍ମୟ କବିରାଜ ଓ ସ୍ନାୟୁରୋଗ ଡା. ଜୀବନ ପ୍ରତୀକ ଖଟୁଆ ଯୋଗଦେଇଛନ୍ତି। ଏଠାରେ ବହୁଦିନ ହେଲେ ବହୁତ ଦିନ ହେବା ଡାକ୍ତର ସମସ୍ୟା ସ୍ୱାସ୍ଥ୍ୟ କେନ୍ଦ୍ରର ଥିଲା ଆଜି ପୂରଣ ହୋଇଛି ବର୍ତ୍ତମାନ ସୁଦ୍ଧା ଆଠ ଜଣ ଡାକ୍ତର ନିଯୁକ୍ତି ପାଇ ସାରିଲେଣି

## ୩ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା

**ଜଳେଶ୍ୱର ବ୍ଲକ, ୪।୨(ସମିସ):** ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିକାଶମୂଳକ କାର୍ଯ୍ୟକ୍ରମକୁ ଜଳେଶ୍ୱର ସହରବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ୩ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରାଳ ହୋଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜଳେଶ୍ୱରର ବିଧାୟକ ତଥା ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ରଙ୍କ ପରାମର୍ଶରେ ରବିବାର ଜଳେଶ୍ୱର ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜଳେଶ୍ୱର ନଗର ବିଜୁ ଜନତା ଦଳ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଉନସିଲର ସ୍ୱାଗତିକା ପାଳ, ଦଳର ବରିଷ୍ଠ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ତରାଗଡ଼ିଆ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ପଞ୍ଚଲିଙ୍ଗେଶ୍ୱର, ୪।୨(ସମିସ):** ପୁରାତନ ଛାତ୍ର ସଂସଦ ପକ୍ଷରୁ ସନ୍ତରାଗଡ଼ିଆ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବରିଷ୍ଠ ସଦସ୍ୟ ଜଗବନ୍ଧୁ ସଙ୍କ ସଭାପତିତ୍ୱରେ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ଦିଆଯାଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ, ପୂର୍ବତନ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେବେ। ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ, ଉପସଭାପତି ହିମାଂଶୁ ଶେଖର ସେନାପତି, ସହ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ରାମକୃଷ୍ଣ ସ, ସାଂସ୍କୃତିକ ସମ୍ପାଦକ ସତ୍ୟନାରାୟଣ ପଣ୍ଡାଙ୍କ ସହ ସଦସ୍ୟ ରମାକାନ୍ତ ପାଢ଼ୀ, ଅମ୍ୟ କୁମାର ପାଣିଗ୍ରାହୀ, ସାଗରେନ୍ଦ୍ର ମିଶ୍ର, ରତ୍ନାକର ବେହେରା, ଅଜିତ କୁମାର ପାଣିଗ୍ରାହୀ, ଦିଲୀପ କୁମାର ପଣ୍ଡା, ନରହରି ବିଶ୍ୱାଳ, ପୁରସ୍ତମ ସେଠୀ, ଦୀପକ ରଞ୍ଜନ ଦାସ, ପ୍ରେମାନନ୍ଦ ମହାନ୍ତି, କପିଳ ସାମଲ, ନିତ୍ୟାନନ୍ଦ ରାଉତ, ମୁକ୍ତିକାନ୍ତ ବାରିକ, ଅଶୋକ ରାଉଳ, ଶରତ ସାମଲ, ରମାକାନ୍ତ ସ, ଉମାକାନ୍ତ ସ, ଭାଗୀରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ଚୌକି, ୪।୨ (ସମିସ) :** ଭୋଗରାଇ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ସୁସମା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ୩୦ ନମ୍ବର ଜୁନ୍‌ର ଜିଲ୍ଲାପରିଷଦ ସଭ୍ୟ ଗିରିଶ ଦତ୍ତ, ୩୪ ନମ୍ବର ଜୁନର ଜିଲ୍ଲାପରିଷଦ ସଭ୍ୟା ନିବେଦିତା ମହାନ୍ତି ଯୋଗ ଦେଇଥିଲେ। ଭୋଗରାଇ ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ, ମନ୍ଦିର, ମୋଜଜିତ, କ୍ଲବ ଆଦି ଅନୁଷ୍ଠାନକୁ ଏକ କୋଟି ଟଙ୍କା ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଲୋକମାନଙ୍କୁ ଜଣାଇଥିଲେ। ଜିଆର୍‌ଏସ୍ ସୁଧାଂଶୁ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିରେ ସାମିଲ ହେଲେ ଅନ୍ୟ ଦଳର କର୍ମୀ



**ଲଙ୍ଗଳେଶ୍ୱର, ୪।୨(ସମିସ):** ବାଲିଆପାଳ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତର ସମିତି ସଭ୍ୟ ଚନ୍ଦ୍ର ମୋହନ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ଆଜି ବିଜେଡିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଲଙ୍ଗଳେଶ୍ୱରସ୍ଥିତ ଜେନାଭବନରେ ଅନୁଷ୍ଠିତ ମିଶ୍ରଣ ସଭାରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଓ ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ବ୍ଲକ ସଭାପତି ଗୋବିନ୍ଦ ଦାସ ସଭା ପରିଚାଳନା କରିଥିଲେ। ମିଶିଥିବା କର୍ମୀମାନେ ପ୍ରମୋଦ ମଣ୍ଡଳ, ଅଶ୍ୱିନୀ ଖଣ୍ଡା, ଶମ୍ଭୁନାଥ ଗଙ୍ଗାଇ, ସୁଶାନ୍ତ ଗଙ୍ଗାଇ, ଜୟନ୍ତ ଖଣ୍ଡା, ପଞ୍ଚୁପାଲି ପଞ୍ଚାୟତ ର ନରେଶ ଚନ୍ଦ୍ର ମାଇତି, ଦେବବ୍ରତ ମାଇତି ପ୍ରମୁଖ। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଜେନା ପରିବାରର ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ରଖି ବିଜେଡିର ଯୋଗ ଦେଲେ ବୋଲି କର୍ମୀମାନେ କହିଛନ୍ତି।

● ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ କରି ଲୋକଙ୍କୁ ଠକେଇ ଅଭିଯୋଗ

## ଅଭିଯୁକ୍ତକୁ ଗିରଫ କଲା ଉତ୍ତର ପ୍ରଦେଶ ପୁଲିସ

**ବସ୍ତାବ୍ଲକ, ୪।୨(ସମିସ):** ଉତ୍ତର ପ୍ରଦେଶର ଏକ ସହରରେ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ଖୋଲି ଲୋକଙ୍କ ସାମଗ୍ରୀ ଓ ଟଙ୍କା ଠକେଇ କରିବା ଅଭିଯୋଗରେ ଉତ୍ତର ପ୍ରଦେଶ ପୁଲିସ ବାଲେଶ୍ୱର ଜିଲ୍ଲା ଶିଂଲା ଥାନାରେ ପହଞ୍ଚି ଶିଂଲା ପୁଲିସ ସହାୟତାରେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ ବାଲିଆପାଳ ଥାନା ଅଞ୍ଚଳର ଜଣେ ଯୁବକ ଉତ୍ତରପ୍ରଦେଶ ରାଜ୍ୟରେ ଏକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ଖୋଲି ଲୋକେ ବିଭିନ୍ନ ଅଞ୍ଚଳକୁ ପଠାଇବାକୁ ଦେଇଥିବା ସାମଗ୍ରୀ ଓ ଟଙ୍କା ହଡ଼ପ କରି ନିଜ ଘରକୁ ପଳାଇ ଆସିଥିଲା। ଏ ନେଇ ଲୁଟ୍‌ର ଶିକାର ହୋଇ ଥିବା ଲୋକେ ସ୍ଥାନୀୟ ଥାନରେ ଅଭିଯୋଗ ପରେ ୟୁପି ପୁଲିସ ଅଭିଯୁକ୍ତକୁ ଧରିବା ପାଇଁ ଖୋଜି ଖୋଜି ବାଲେଶ୍ୱରରେ ପହଞ୍ଚି ଅଭିଯୁକ୍ତର ମୋବାଇଲ ନମ୍ବରକୁ ଟ୍ରାକ କରି ଶିଂଲା ଥାନା ପୁଲିସ ସହାୟତାରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଧିକ ତଦନ୍ତ ପାଇଁ ତାକୁ ୟୁପି ପୁଲିସ ସାଙ୍ଗରେ ନେଇ ଯାଇଥିବା ଜଣାପଡ଼ିଛି। ଏ ନେଇ ଶିଂଲା ଥାନା ପକ୍ଷରୁ କୌଣସି ସୂଚନା ଦିଆ ଯାଇନାହିଁ।

## ବିପୁଳ ମଦ ଜବତ; ଅଭିଯୁକ୍ତ ଫେରାର

**ସୋର, ୪।୨(ସମିସ):** ସୋର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ଦେଶୀମଦ ଜବତ କରାଯାଇଥିବାବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଶନିବାର ରାତିରେ କୌଣସି ସୂତ୍ରରୁ ଖବରପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସୋର ଥାନା ବରଫକଳ ଛକ ନିକଟରେ ଚଢ଼ଉ କରି ୧୨୦୦ ଲିଟର ଦେଶୀମଦ ଜବତ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଫେରାର ଅଭିଯୁକ୍ତ ମନୀଷ କୁମାର ଯାଦବ ବୋଲି ଜଣାପଡ଼ିଛି।

## ଜ୍ଞାନଭାରତୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖଇରା, ୪।୨(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ତୁଡିଗଡ଼ିଆସ୍ଥିତ ଜ୍ଞାନଭାରତୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି। ବନବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜମ୍ବେଶ୍ୱର ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ମନୀନ୍ଦ୍ର ଦିକ୍ଷିତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ପ୍ରତିଷ୍ଠାତ୍ରୀ ମାଳତୀ ରାଉତ, ସଭାପତି ଗୟାଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଜଳେଶ୍ୱର ବ୍ଲକ, ୪।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ବର୍ତ୍ତନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ତପନ କୁମାର ସିଂଙ୍କ ମଞ୍ଚ ଆହ୍ୱାନରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବର୍ତ୍ତନା ଗ୍ରାମ୍ୟ ମୁଖ୍ୟ ଅଧିର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ସାମଲ, ସମାଜସେବୀ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୁମିତା ଦାସ ମହାପାତ୍ର, ଆଶାକର୍ମୀ ଅନୁଭା ସାମଲ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପିତା ଦେ, ମୀନତି ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ ଓ ଶିକ୍ଷକ ରାଜୀବ କୁମାର ସିଟ୍ ସହଯୋଗ ଓ ପରିଚାଳନା କରିଥିବା ବେଳେ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ରାଜୀବ କୁମାର ସିଟ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ସୋର, ୪।୨(ସମିସ):** ସୋର ଥାନା ଖରାସାହାପୁର ପଞ୍ଚାୟତ ଉପର ଆଡିଆ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବ୍ୟକ୍ତି ଜଣକ ଏହି ବାତ୍ୟା ଆଶ୍ରୟସ୍ଥଳୀରେ ରହିବା ସହିତ ଆଖପାଖରେ ଭିକମାଗି ଚଳେ। ଆଜି ସକାଳେ ତାଙ୍କର ମୃତ୍ୟୁ ଘଟିଇଥିବା ଜାଣିପାରି ସ୍ଥାନୀୟ ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ଅନନ୍ତପୁର ପାଣ୍ଠି ଅଧିକାରୀ ଅଶୋକ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ମୃତଶରୀର ଚିହ୍ନଟ ପାଇଁ ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ କରି ଶବଗୃହରେ ରଖାଯିବ ବୋଲି ପୁଲିସ୍ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।









# ରାସ୍ତା ଅବରୋଧ, କାର୍ଯ୍ୟାନୁଷ୍ଠାନ ଦାବି

ଖଇରା, ୪।୨(ସମିସ):



ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡ ବଗେଇପୁର ଅଞ୍ଚଳର ୧୬ନମ୍ବର ଖଣିରେ ବ୍ଲାଷ୍ଟିଂ ଯୋଗୁଁ ବଡବିଲ ଗ୍ରାମରେ ସୁଦର୍ଶନ ନାଇକଙ୍କ ଘର ଭାଙ୍ଗିବା ଘଟଣାରେ ଗ୍ରାମବାସୀ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଗ୍ରାମବାସୀ ରବିବାର ରାସ୍ତା ଅବରୋଧ କରିବା ସହ ତଦନ୍ତରେ ଖଣିକୁ ଯାଇଥିବା ଅଧିକାରୀଙ୍କୁ ଘେରି କ୍ଷତିପୂରଣ ସହିତ ବେଆଇନ ବ୍ଲାଷ୍ଟିଂ ବନ୍ଦ କରିବାକୁ ଦାବି କରିଥିଲେ। ଶନିବାର ସନ୍ଧ୍ୟାରେ ବ୍ଲାଷ୍ଟିଂ ଯୋଗୁଁ ସୁଦର୍ଶନ ଘରେ ପଥର ଛିଟିକି ପଡ଼ିବାରୁ ଘର ଭାଙ୍ଗିରୁଜି ଯାଇଥିଲା। ରବିବାର ସକାଳେ ଅସନ୍ତୁଷ୍ଟ ବଡବିଲ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଜିଲ୍ଲା ଖଣି ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ, ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଖଇରା ପୁଲିସ ସହଯୋଗରେ ଖଣିକୁ ତଦନ୍ତରେ ଯାଇଥିବା ବେଳେ ଉତ୍ତ୍ୟକ୍ତ ଗ୍ରାମବାସୀ ଅଧିକାରୀଙ୍କୁ ଘେରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ସମ୍ପର୍କରେ ଖଣି ଅଧିକାରିଣୀଙ୍କୁ ଯୋଗାଯୋଗ କରିବାରେ ଉକ୍ତ ଖଣିରୁ ଖୋଳା ଯାଇଥିବା ପଥର ଓ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରକ୍ରିୟା ଶେଷପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବେଲି କହିଛନ୍ତି।



## କର୍କଟ ରୋଗ ସଚେତନତା ଦିବସ ପାଳିତ

# ମୁଖଗହ୍ୱର, ଗ୍ରୀବା, ସ୍ତନ କର୍କଟ ରୋଗୀ ସଂଖ୍ୟା ଅଧିକ

ବାଲେଶ୍ୱର, ୪।୨(ସମିସ):

କର୍କଟ ରୋଗର ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରି ଚିକିତ୍ସା କରାଗଲେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ। ସେଥିପାଇଁ ସଚେତନତା ଆବଶ୍ୟକତା ରହିଛି। କାରଣ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ସେଥିପାଇଁ ଅସନ୍ତୁଳିତ ଜୀବନଶୈଳୀ ଓ ଖାଦ୍ୟରେ ବିଷାକ୍ତ ପଦାର୍ଥର ମିଶ୍ରଣ ଅନେକ ପରିମାଣରେ ଦାୟୀ। ନିଜେ ସେଥିପାଇଁ ଏକ ସୁସ୍ଥ ଜୀବନ ଶୈଳୀକୁ ଆପଣାଇବାକୁ ପଡ଼ିବ। ବର୍ତ୍ତମାନ ଅନ୍ୟାନ୍ୟ କର୍କଟ ରୋଗ ତୁଳନାରେ ମୁଖ ଗହ୍ୱର, ଗ୍ରୀବା, ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ। ତେଣୁ ସମସ୍ତଙ୍କୁ ବିଶେଷ ଭାବେ ମହିଳାମାନଙ୍କୁ ସଚେତନ କଲେ ଏହାକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଚିକିତ୍ସା କରାଯାଇପାରିବ ବୋଲି ମତପ୍ରକାଶ ପାଇଛି। ଆଜି ୨୫ତମ ବିଶ୍ୱ କର୍କଟ (ସଚେତନତା) ଦିବସ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ଅଣସଂକ୍ରମକ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ଦୁଲାଲସେନ ଜଗଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗ ଚିକିତ୍ସକ ଡା. ପ୍ରିୟ କୁମାର ଘୋଷ, ଡା. ରଞ୍ଜନ ନାୟକ, ଡା. ଲମ୍ବୋଦର ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ସେବା ମଧ୍ୟରେ ବ୍ୟବଧାନ ହ୍ରାସ କରିବା ଦିଗରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ଅରୂପ ଅଭିଷେକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପୁନରୁତ୍ଥାନର ସଂଯୋଜକ ପରମେଶ୍ୱର ବାରିକ ଏହାକୁ ପରିଚାଳନା କରିଥିଲେ।




ଅସନ୍ତୁଳିତ ଜୀବନଶୈଳୀ ଓ ଖାଦ୍ୟରେ ବିଷାକ୍ତ ପଦାର୍ଥର ମିଶ୍ରଣ ଦାୟୀ

# ମଧୁସୂଦନ ଦାସଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ପାଳିତ

ବାଲେଶ୍ୱର, ୪।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୯ତମ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକ ଡ ଜୈଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପରିଷଦର ସାଧାରଣ ସମ୍ପାଦକ ପୁରୁଷୋତ୍ତମ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ତତକାଳୀନ ଉତ୍କଳର ସାମଗ୍ରୀକ ବିକାଶରେ ମଧୁବାବୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଉତ୍କଳ ଗୌରବଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପରିଷଦର ତୁଷାର ମହାପାତ୍ର ମଞ୍ଚ ଆବାହନ କରିଥିବା ବେଳେ ପ୍ରଜ୍ଞାପାରମିତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ରଶ୍ମି ରାଉଳଙ୍କ ଦୁଇଟି ଉପନ୍ୟାସ ଲୋକାର୍ପିତ




ବାଲେଶ୍ୱର, ୪।୨(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନରେ ପ୍ରଖ୍ୟାତ ଔପନ୍ୟାସିକା ଓ ଗାଳ୍ପିକା ରଶ୍ମୀ ରାଉଳଙ୍କ ଦ୍ୱାରା ଲିଖିତ ଦୁଇଟି ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ଡ. କମଳିନୀ ପାଣିଗ୍ରାହୀଙ୍କ ଦ୍ୱାରା ହିନ୍ଦୀରେ ଅନୁବାଦିତ ହୋଇଥିବା ଓଡ଼ିଆ ଉପନ୍ୟାସ 'ଏଠି ଗୋଟେ ଗାଁ ଥିଲା'ର ହିନ୍ଦୀ ରୂପାନ୍ତର 'ୟହାଁ ଥା ଏକ ଗାଁ'କୁ ଲୋକାର୍ପିତ କରାଯାଇଥିଲା। ଏହି ଉପନ୍ୟାସ ଦ୍ୱୟ ବ୍ୟତୀତ 'ନବଲିପି' ପ୍ରକାଶ ଧାରା ଦ୍ୱାରା ପ୍ରକାଶିତ 'ଜୀବନ ଗଣିତ' ଉପନ୍ୟାସ ମଧ୍ୟ ଲୋକାର୍ପିତ ହୋଇଥିଲା। ଏହି ଉତ୍ସବରେ ଏସ୍‌ଭିଏସ୍ ଶାନ୍ତାରାମ, ଆର୍‌ପିଏଫ୍‌ଏସ୍ ଚିଫ୍ ସିକ୍ୟୁରିଟି କମିଶନର ଇଷ୍ଟକୋଷ୍ଟ ରେଲ୍‌ୱେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଷ୍ଣୁ ଭାରତୀ ୟୁନିଭରସିଟି (ଡବ୍ଲ୍ୟୁବି) ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଏବଂ ରାଜନୀତିଜ୍ଞ ଡ. ଅଭୟ କୁମାର ନାୟକ, ପ୍ରଫେସରି ଡ. ଲଳିତ କୁମାର ଲେଙ୍କା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଖ୍ୟାତ କବି ଶରତ କୁମାର ଦାଶ, ଲେଖିକା ରଶ୍ମୀ ରାଉଳ, ସିଏଚ୍‌ଆରସିର ଚେୟାରମ୍ୟାନ ପ୍ରାକ୍ତନ ଅତିରିକ୍ତ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ସଭାକୁ ପରିଚାଳନା କରିଥିଲେ। ଓଡ଼ିଆ ସାହିତ୍ୟର ଦିଗନ୍ତ, ବ୍ୟାପ୍ତି ଓ ଅଗ୍ରଗତି ସମ୍ପର୍କରେ ଆଲୋଚକ ପରେଶ ମହାନ୍ତି, ଜୟକୃଷ୍ଣ ମହନ୍ତ ପ୍ରମୁଖ ଆଲୋଚନା କରିଥିଲେ।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ

ବାଲେଶ୍ୱର, ୪।୨(ସମିସ): ପବ୍ଲିକ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଜିଲ୍ଲା ଶିକ୍ଷାଧିକାରୀ ପିଲାମାନଙ୍କ ଦ୍ୱାରା ନିର୍ମିତ ସାହିତ୍ୟ, ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡାଙ୍ଗନା କ୍ଲବର ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରି ମୁଗ୍ଧ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ, ଏସ୍ ଏମ ସି ସଭାପତି ଅକ୍ଷୟ କୁମାର ଦାସ ଓ ଅନ୍ୟ ସଦସ୍ୟ ଯୋଗଦେଇଥିଲେ। ଏହାପରେ ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଭାଷଣ ଓ ଅଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ମିତା ପଟ୍ଟନାୟକ, ସଂଯୁକ୍ତା ପଣ୍ଡା, ଅଲିଭା ପ୍ରିୟଦର୍ଶିନୀ ଦାସ, ସବିତା ପରିଡ଼ା, ଦେବାଶିଷ କର ଓ ଅନ୍ୟ ସହକାରୀ କର୍ମଚାରୀ ପରିଚାଳନା କରିଥିଲେ।



# ଭ୍ରମ ସଂଶୋଧନ

ବାଲେଶ୍ୱର, ୪।୨(ସମିସ): ଗତକାଲି ଅର୍ଥାତ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶାନ୍ତିକାନନ ପରିସରରେ ଏକ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରହରାଜ ସତ୍ୟନାରାୟଣ ନନ୍ଦ ଓ ଶୁଭେନ୍ଦୁ ମୋହନ ଦାସଙ୍କୁ ଭୁଲବଶତଃ ସ୍ୱର୍ଗତ ବୋଲି ଲେଖା ହୋଇଥିଲା। ହେଲେ ସେମାନେ ଜୀବିତ ଥିବାବେଳେ ତାଙ୍କ ପ୍ରତିବଦଳରେ ସେମାନଙ୍କର ସମ୍ପର୍କୀୟ ଜିଲ୍ଲା ପ୍ରଶାସନଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। 'ସକାଳ' ପରିବାର ଏହି ଦୁଇ ସମ୍ବର୍ଦ୍ଧିତ ସାରସ୍ୱତ ସାଧକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛି।

# ହୃଦାନନ୍ଦ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୪।୨(ସମିସ): ରାଜଘାଟ ତମ୍ବାଖୁରିଠାରେ ଥିବା ହୃଦାନନ୍ଦ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନର ଅଗ୍ରଗତି ବିଷୟରେ ଆଲୋଚନା କରିବା ପାଇଁ ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ କମିଟିର ଏକ ବୈଠକ ସଭାପତି ଇଂ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କୋଷାଧ୍ୟକ୍ଷ ସନ୍ୟାସୀ ଚରଣ ପ୍ରଧାନଙ୍କ ସଂଯୋଜନା, ଯୁଗ୍ମ ସମ୍ପାଦକ ଅନୁପ ବେହେରା ଓ ସଂଗଠନ ସମ୍ପାଦକ ଯୁଗଳ କିଶୋର ମହଲାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟନିର୍ବାହୀ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତିର ରୂପରେଖ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଅଧିକ ଗୌରବାନ୍ୱିତ କରିବା ପାଇଁ ସ୍କୁଲର ସମସ୍ତ ପୁରାତନ ଛାତ୍ର ଛାତ୍ରୀଙ୍କୁ ନିମନ୍ତ୍ରଣ କରିବା, ସମସ୍ତ କୃତୀ ଛାତ୍ର, ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯେମିତି ସମସ୍ତେ ଯୋଗଦାନ କରିପାରିବେ ସେଥି ପାଇଁ ଯୋଗାଯୋଗ କରିବାକୁ ପ୍ରତ୍ୟେକ ବ୍ୟାଚ୍‌ରୁ ଜଣେ ଲେଖାଏଁ ସଂଯୋଜକ ବାଛିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବପରି ସୁବର୍ଣ୍ଣ ଜୟନ୍ତୀ ପାଇଁ ସଂଯୋଜନା ବୈଠକ ବିଭିନ୍ନ ସ୍ଥାନ ଯଥା ବାଲେଶ୍ୱର, ଭୁବନେଶ୍ୱର, ବାରିପଦାରେ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ଯାହାଫଳରେ ସେଠାରେ ରହୁଥିବା ପୁରାତନ ଛାତ୍ରମାନେ ଯୋଗଦାନ କରି ମତାମତ ଓ ଯୋଗଦାନ କରିପାରିବେ ଏବଂ ନିୟମିତ ବ୍ୟବଧାନ ରେ କାର୍ଯ୍ୟନିର୍ବାହୀ ସେମିତି ମିଳିତ ହେବାର ନିଷ୍ପତ୍ତି ନିଆଗଲା। ଏହି ବୈଠକରେ ପୁରାତନ ଛାତ୍ର ତଥା ସ୍କୁଲ ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟ ନାରାୟଣ ଘୋଷ, କାର୍ତ୍ତିକ ଘୋଷ ସ୍କୁଲର ସୁସ୍ଥ ବାତାବରଣ ଓ ଶିକ୍ଷା ପରିବେଶରେ ଉନ୍ନତି ପାଇଁ ତାଙ୍କ ପରିବାର ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ। ପୁରାତନ ଛାତ୍ର ବିଭୁ ପ୍ରସାଦ ଦାସ, ଭଗବାନ ଅଣ୍ଡିଆ, ସ୍ୱରୂପ ବେହେରା, ଉମାକାନ୍ତ ମାଝୀ, ନରେଶ ମହାନ୍ତି, ରାମଚନ୍ଦ୍ର କିସ୍କୁ, ପ୍ରମଥ ବେହେରା, ପ୍ରସନ୍ନ ପାତ୍ର, ଇଂ କାର୍ତ୍ତିକ ବାରିକ, ମୃତ୍ୟୁଞ୍ଜୟ ଜେନା, ଖଗେଶ୍ୱର କବି, ଗୌତମ ବେହେରା, ସୁବୋଧ ଗିରି, ନିତ୍ୟାନନ୍ଦ କବି, ସନ୍ଦୀପ ସାହୁ, କାର୍ତ୍ତିକ ବେହେରା, ଗଙ୍ଗାଧର ଘଡେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ମାଟ୍ରିକ୍ ପରୀକ୍ଷା ପାଇଁ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ପୁରାତନ ଛାତ୍ର ସଂସଦ ତରଫରୁ ଶୁଭେଚ୍ଛା ଜଣେଇବା ସହ ସ୍କୁଲର ଶୈକ୍ଷିକ ବାତାବରଣ ରେ ଉନ୍ନତି ପାଇଁ ଗଠନ ମୂଳକ ପରାମର୍ଶ ଦିଆଯିବ ବୋଲି ନିଷ୍ପତ୍ତି ହେଇଥିଲା। ସୁବର୍ଣ୍ଣ ଜୟନ୍ତୀରେ ସ୍ମରଣିକା ପ୍ରକାଶ କରାଯିବ, ତେଣୁ ନିଜର ଆଲେଖ୍ୟ, ସ୍ମୃତି, ଅନୁଭୂତି ପ୍ରକାଶ ପାଇଁ ଲେଖା ପଠାଇବାକୁ ଅନୁରୋଧ କରାଯାଇଥିଲା। ଡା. ଅରୂପ ଅଭିଷେକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସତସଙ୍ଗ୍ ବିହାରରେ ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ଉତ୍ସବ ପାଳିତ




ବାଲେଶ୍ୱର, ୪।୨(ସମିସ): ଯୁଗପୁରୁଷୋତ୍ତମ ଅନୁକୂଳ ଚନ୍ଦ୍ରଙ୍କର୧୩୬ତମ ଶୁଭ ଆର୍ବିଭାବ ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଶତାଧିକ ଗୁରୁଭାଇ ଓ ଗୁରୁ ମା'ଙ୍କ ଦ୍ୱାରା ଉଷାକୀର୍ତ୍ତନ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଇଂ ପ୍ରଭାତ କୁମାର କରଙ୍କ ଦ୍ୱାରା ଉଦ୍‌ବୋଧନ ଏବଂ ସ୍ମରଣିକା 'ଋତୁପ୍ରଭା' ଲୋକାର୍ପିତ ହୋଇଥିଲା। ଏହି ଅବସରରେ ସତସଂଗ୍ ବିହାରର କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସହପ୍ରତି ରିତ୍ୱିକ ବାସୁଦେବ ବିହାରୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଇଷ୍ଟାନୁସ୍ମରଣରେ ନିଜସ୍ୱ ଅନୁଭୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହପ୍ରତି ରିତ୍ୱିକ ଚକ୍ରଧର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସହପ୍ରତି ରିତ୍ୱିକ ଅଭିନ୍ନ କୁମାର ପଟ୍ଟନାୟକ ଯୋଗଦେଇ ମତ ରଖିଥିଲେ। ସହପ୍ରତି ରିତ୍ୱିକ ଡ.ଅଜିତ କୁମାର ଦାସ, ଅମରେନ୍ଦ୍ର ଲାଲ ଦତ୍ତ, ସୁରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ବାରିକ, ସମୀରଣ କୁମାର ଦେ, ମୁରଲୀଧର ପାତ୍ର, ସୁଧାଂଶୁ ଶେଖର ରାଉତ, ପଦ୍ମଲୋଚନ ପ୍ରଧାନ, ନୃସିଂହ ଚରଣ ସ ଓ ବହୁ ରିତ୍ୱିକ ଏବଂ କର୍ମି ଉତ୍ସବରେ ଯୋଗ ଦେଇଥିଲେ। ମା'ମାନଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସତସଙ୍ଗ୍ ବିହାରର ସହପ୍ରତି ରିତ୍ୱିକ ସୁରେନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶରତ ଚନ୍ଦ୍ର ମହାଭୋଇ, ବସନ୍ତ କୁମାର ନାୟକ, ପ୍ରଭାତ କୁମାର ନାୟକ, ପ୍ରଶାନ୍ତ କୁମାର ପରିଡ଼ା ଏହାକୁ ପରିଚାଳନା କରିଥିଲେ। ସନ୍ତୋଷ ଖଟୁଆ, ଆଶିଷ କୁମାର ଘୋଷ, ଯାଜକ ପ୍ରତୁଲ୍ୟ ଚନ୍ଦ୍ର ଦାସ, ରାଜେନ୍ଦ୍ର କୁମାର ମହାପାତ୍ର, ଖଗେଶ୍ୱର ନାୟକ, ପ୍ରହଲାଦ ଦାସ, ବିଜୟ କୁମାର ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର, ନରେଶ କୁମାର ଜେନା, ଆନନ୍ଦ କୁମାର ସାହୁ, ମନୋରଞ୍ଜନ ଆଚାର୍ଯ୍ୟ, ମାନସ କୁମାର ଦାସଙ୍କ ସମେତ ସତସଙ୍ଗ ବିହାରର ସମସ୍ତ ଭାଇ ଓ ମା'ମାନେ ଉପସ୍ଥିତ ଥିଲେ।

● ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟ

# ତିନି ଶିକ୍ଷକ ଓ ଜଣେ ଛାତ୍ରୀଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'



ବାଲେଶ୍ୱର, ୪।୨(ସମିସ): 'ମିଳିବ ସମ୍ମାନ, ବଢ଼ିବ ଉତ୍ସାହ, ଆଣିବ ଆଗ୍ରହ' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି କଥାକୁ ବାଲେଶ୍ୱରର ଶିକ୍ଷକ ସାକାର କରିପାରିଛନ୍ତି। ଛାନୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଇନ୍ଦ୍ରଜିତ ପାତ୍ର, ଓଡ଼ିଆ ଶିକ୍ଷକ ବେଣୁଧର ସେଠୀ ଓ ଗଣିତ ଶିକ୍ଷକ ଗୌରହରୀ ଜେନା ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇଛନ୍ତି। ଏଥିସହିତ ଉକ୍ତ ସ୍କୁଲର ଛାତ୍ରୀ ଶ୍ରାବଣୀ ମଣ୍ଡଳ ବାର୍ଷିକ ପରୀକ୍ଷାରେ ଶତକଡ଼ା ୯୦ ରୁ ଅଧିକ ନମ୍ବର ରଖି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ହାସଲ କରିଛନ୍ତି। ବାଲେଶ୍ୱର ତଥା ସ୍କୁଲର ଗୌରବ ଆଣିଥିବାରୁ ସ୍କୁଲ ତଥା ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ୫-ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ଛାନୁଆ ସରକାରୀ ଉଚ୍ଚବିଦ୍ୟାଳୟର ସଫଳତାରେ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ନାୟକ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିନ୍ଧାଣୀ ସାଜିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଓ ବାଲେଶ୍ୱର ଡିଇଓ ପ୍ରତିଭା ମଞ୍ଜରୀ ଦାସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ନେହରୁ ଏକାଡେମୀର ବାର୍ଷିକ ଉତ୍ସବ

ବାଲେଶ୍ୱର, ୪।୨(ସମିସ): ନେହେରୁ ଏକାଡେମୀର ବାର୍ଷିକ ଉତ୍ସବ ଚାନ୍ଦିପୁର ବେଳାଭୂମି ନିକଟରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୀତାଞ୍ଜଳି ପିସ୍ ଟ୍ରଷ୍ଟିର ଚେୟାର ମେନ୍ ଏସ୍ ଗୀତାଞ୍ଜଳି ଏବଂ ବଳାଙ୍ଗି ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବରିଷ୍ଠ ଲେଖକ ଡ. ରତ୍ନାକର ସିଂହ, ଉର୍ଦ୍ଦୁ କବି ଅଜିମ ବାଲେଶ୍ୱରୀ, ଚାନ୍ଦିପୁର ପଞ୍ଚାୟତର ନାଏବ ସରପଞ୍ଚ ଶ୍ରୀକାନ୍ତ ନାୟକ, ବରିଷ୍ଠ ଅଧ୍ୟାପକ ସତ୍ୟଜିତ ଓ ଅମ୍ଳାନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ନେହରୁ ଏକାଡେମୀର ପ୍ରଧାନଶିକ୍ଷକ ମୀନାଜ ଓ ସହଯୋଗୀ ଶିକ୍ଷକ ତାପସ, ଖୈରୁଲ, ଗୋପାଲ, ବିଜୟ, ପ୍ରଶାନ୍ତ, ଭାଗ୍ୟଶିରୀ ପ୍ରମୁଖ ଯୋଗଦାନ କରିଥିଲେ।

# ଇଞ୍ଜିନିୟରିଂ ୱାର୍କଚାର୍ଜ ରେଗୁଲାର କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୪।୨(ସମିସ): ଆସନ୍ତା ୭ ତାରିଖରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଜିଲ୍ଲାସ୍ତରୀୟ ଇଞ୍ଜିନିୟରିଂ ୱାର୍କଚାର୍ଜ ରେଗୁଲାର କର୍ମଚାରୀ ସଂଘର ସଭାପତି ରାମଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଶେଷ କରି ସେମାନଙ୍କ ବିଭିନ୍ନ ଦାବି ନେଇ ବିଧାନସଭା ଚାଲ ଅଭିଯାନ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଶେଷ କରି ଜିଲ୍ଲାର ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ନିର୍ମାଣ, ଗୃହ ଓ ନଗର ଉନ୍ନୟନ ଏବଂ ପାନୀୟ ଜଳଯୋଗାଣ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତା

# ଚମକିଲେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ

ବାଲେଶ୍ୱର, ୪।୨(ସମିସ):

ଭୁବନେଶ୍ୱରରମାଦେବୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ 'ଓଡ଼ିଶା ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମିଟ୍ ୨୦୨୩-୨୪'ର ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାଗୁଡିକରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ଅଭୂତପୂର୍ବ ସଫଳତା ସାଉଁଟିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ଉତ୍ସାହଜନକ ପ୍ରଚେଷ୍ଟା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସଫଳତା ହାସଲ କରିବାରେ ସହାୟକ ହୋଇଛି। ବିଭିନ୍ନ ବିଭାଗ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଯଥା : ସୂର୍ଯ୍ୟ ପ୍ରସାଦ ଦାସ ଏବଂ ସସ୍ମିତା ମଲ୍ଲିକ, କଲେଜ ଅଫ ଟିଚର ଏଜୁକେସନ, ବାଲେଶ୍ୱର ଏବଂ ଡ. ଯାଦୁନାଥ ମହାବିଦ୍ୟାଳୟ, ରସାଲପୁର, କୁଇଜ୍ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଯାହାର ବିଷୟବସ୍ତୁ ଓଡ଼ିଆ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ଥିଲା। ବିକାଶ କୁମାର ପଣ୍ଡା ଏବଂ ଦଳ, କଲେଜ ଅଫ୍ ଟିଚର ଏଜୁକେସନ, ବାଲେଶ୍ୱର, ସ୍କିଟ୍ ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ଯାହାର ବିଷୟବସ୍ତୁ ଓଡିଆ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ଥିଲା। ଅଭିଷେକ ରାଉତ, ରସାୟନ ବିଜ୍ଞାନ ବିଭାଗର ଛାତ୍ର ଏକକ-ଭାରତୀୟ ଶାସ୍ତ୍ରୀୟ ପ୍ରଦର୍ଶନ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ପ୍ରବନ୍ଧ ଲିଖନର ବିଷୟବସ୍ତୁ ଓଡିଆ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ଥିବାବେଳେ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀ ସୁଭଶ୍ରୀ ଦାସ ପ୍ରଥମସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ବିତର୍କରେ କଲେଜ ଅଫ୍ ଟିଚର ଏଜୁକେସନର ଛାତ୍ର ରିତିକ୍ କୁମାର ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିଲେ ଯାହାର ବିଷୟବସ୍ତୁ ଓଡିଆ ସଂସ୍କୃତି ଏବଂ ଜଗନ୍ନାଥ ସଂସ୍କୃତି ରହିଥିଲା। ଏହି ଆନ୍ତ ମହାବିଦ୍ୟାଳୟ ପ୍ରତିଯୋଗିତାରେ କୁଇଜ୍ ରେ ମୋଟ ଦଳ ୨୦ ଜଣ ଓ ସ୍କିଟ୍ ରେ ୧୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥଲେ। ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ. ସ୍ମୃତି ରେଖା ସାହୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ସହାୟକ କର୍ମଚାରୀ ଭାବେ ଭୂବିଜ୍ଞାନ ବିଭାଗର ଲାବୋରେଟୋରୀ ଆସିଷ୍ଟାଣ୍ଟ କମ ଷ୍ଟୋର ରକ୍ଷକ ରୌମ୍ୟରଞ୍ଜନ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୮ଟି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଭିନନ୍ଦନ ଜଣାଇ ଏହିଭଳି ସଫଳତାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି।





## ଗ୍ରାମ୍ୟ ମୁଖ୍ୟ ରାସ୍ତାର ଦୁରବସ୍ଥା

# ଭୋଟ୍ ବର୍ଜନ ଚେତାବନୀ ଦେଲେ ୪ ଗାଁର ମହିଳା





ବାହାନଗା, ୪।୨ (ସମିସ) :

ଦୀର୍ଘ ୩୦ ବର୍ଷରୁ ଅଧିକ ଦିନ ଧରି ସମସ୍ୟା ଘେରରେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତର ୪ ଗାଁ। ଖାଲ ଢ଼ିପ ମାଟି ରାସ୍ତା ସହ ବର୍ଷା ଦିନରେ କାଦୁଅ ପଚପଚରେ ଯାତାୟାତ ପାଇଁ ସଂଘର୍ଷ କରୁଛନ୍ତି ୪୦୦୦ରୁ ଉର୍ଦ୍ଧ ଗ୍ରାମବାସୀ। ରାସ୍ତାର ଦୁରାବସ୍ଥା ପାଇଁ ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କ ଦାୟୀ କରିବା ସହ ଶହ ଶହ ମହିଳାଙ୍କ ମେଳି ଦେଖିବାକୁ ମିଳିଛି। ରାସ୍ତା ନାହିଁ ତ ଭୋଟ୍ ନାହିଁ। ଭୋଟ୍ ବର୍ଜନ ପାଇଁ ସମୂହ ନିଷ୍ପତ୍ତି ନେବା ସହ ଚେତାବନୀ ଦେଇଛନ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ। ଖବର ଅନୁସାରେ ପଣପଣା, କସବାଜୟପୁର ପଞ୍ଚାୟତର ନୂଆପଡ଼ା, ରଘୁନାଥପୁର ପାଟଣା, ଉପରପାଟଣା, ଓଲିଆପାଟଣା ଆଦିବାସୀ ସାହି ଆଦି ୪ଟି ରାଜସ୍ୱ ଗ୍ରାମର ମୁଖ୍ୟ ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରିଛି। ଏହି ୪ଟି ଗାଁ ରେ ସମୁଦାୟ ଲୋକ ସଂଖ୍ୟା ପ୍ରାୟ ୪୦୦୦ ରୁ ଉର୍ଦ୍ଧ ହେବ। ଏହି ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ପୁଲିସ ଏବଂ ଅଗ୍ନିଶମ ବାହିନୀର ଗାଡ଼ି ଯାତାୟାତ କରିଥାଏ। ରାସ୍ତା ଟି ସମୁଦାୟ ପ୍ରାୟ ୫ କିମି ଥିବା ବେଳେ ରାସ୍ତାଟି ଖାଲ ଢ଼ିପ ମାଟି ରାସ୍ତା ରହିଛି। ବର୍ଷା ଦିନେ ଜରୁରୀକାଳୀନ ସେବା ଅପହଞ୍ଚ ହୋଇପଡ଼େ। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଏହି ୪ ଗୋଟି ଗ୍ରାମରେ ରାସ୍ତା ସମସ୍ୟା ଲାଗି ରହିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ, ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଗ୍ରାମ୍ୟ ରାସ୍ତା ଜରାଜୀର୍ଣ୍ଣ ହୋଇ ପଡ଼ିରହିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଗାଁ ରାସ୍ତାର ସୁଧାର ପାଇଁ ଶନିବାର ଅପରାହ୍ନରେ ପଣପଣା ପଞ୍ଚାୟତର ନୂଆପଡ଼ା ତାଲିମ କେନ୍ଦ୍ର ଗୃହ ନିକଟ ପଡ଼ିଆରେ ୪ଟି ରାଜସ୍ୱ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳାମାନେ ଏକତ୍ରିତ ହୋଇ ସାଧାରଣ ସଭା ଆୟୋଜନ କରିଥିଲେ। ପରେ ଗ୍ରାମର ସ୍ୱୟଂ ସହାୟିକା ମହିଳା ଛବିରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ସଭାରେ ଗ୍ରାମ ମାନଙ୍କର ରାସ୍ତା ଏବଂ ପ୍ରଶାସନିକ ଅବହେଳା ସମ୍ପର୍କରେ ଆଲୋଚନା ହୋଇଥିଲା। ମହିଳା ମଣ୍ଡଳୀମାନେ ନିଜ ଗାଁ ର ରାସ୍ତାର ଦୁରାବସ୍ଥା ସମାଧାନ ନହେବା ପର୍ଯ୍ୟନ୍ତ 'ରାସ୍ତା ନାହିଁ ତ ଭୋଟ ନାହିଁ' ବୋଲି ସଭାରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ସାଧାରଣ ନିର୍ବାଚନରେ ସମୂହ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ହେବା ସହ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଏହି ରାଜସ୍ୱ ଗ୍ରାମ ଗୁଡିକର ପଞ୍ଚାୟତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ମନ୍ଥର ଗତିରେ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉର୍ମିଳା ମହାନ୍ତି, ସୁମତି ଜେନା, ସବିତା ନାୟକ, କବିତା ଗିରି, ଉର୍ମିଳା ମଲ୍ଲିକ, ଜୟନ୍ତୀ ବେହେରା, ରଶ୍ମିତା ଗିରିଙ୍କ ସହ ୪ ଗୋଟି ରାଜସ୍ୱ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସୋର ଉପଖଣ୍ଡର ଯନ୍ତ୍ରୀ ଅଣାକର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଏହି ରାସ୍ତା ବର୍ତ୍ତମାନ ସୁଦ୍ଧା ପଞ୍ଚାୟତ ଅଧୀନରେ ଅଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ତୁରନ୍ତ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇ ନୂତନ ରାସ୍ତା ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୟୁଏନ୍ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ




ସୋର, ୪।୨ (ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲା ଆତ୍ମସୁରକ୍ଷା ସଂଯୋଜକ ସନ୍ତୋଷ କୁମାର ରାଉତ ଯୋଗଦେଇ ବର୍ତ୍ତମାନ ସମୟରେ ଆତ୍ମ ନିର୍ଭରଶୀଳ ହେବା ପାଇଁ ପ୍ରତ୍ୟେକ ଛାତ୍ରୀ ଆତ୍ମସୁରକ୍ଷା କୌଶଳ ଶିକ୍ଷାଲାଭ କରିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଫକିରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କଲେଜ ପ୍ରଶାନିକ ଅଧିକାରୀ ସୁଶାନ୍ତ କୁମାର ଦେ ଛାତ୍ରୀ ସୁରକ୍ଷାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆତ୍ମସୁରକ୍ଷା ସଂଯୋଜିକା ସ୍ମିତା ସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଯୋଜକ ଡ. କୃଷ୍ଣଚନ୍ଦ୍ର ଦାସ ବିବରଣୀ ପ୍ରଦାନ କରିଥଲେ। ମାଷ୍ଟର ଟ୍ରେନର ଭାବେ ଆଦ୍ୟାଶା ଦାସ, ଜୟଶ୍ରୀ ସାମଲ, ସସ୍ମିତା ଖଟୁଆ ଏବଂ କ୍ରିଷ୍ଣା ଯୋଗଦେଇଥିଲେ। ଅଧ୍ୟାପିକା ଅର୍ପିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ଶିବିରରେ ୨୦୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଆଶତୋଷ ମିଶ୍ର, ନରେନ୍ଦ୍ର ମହାଳିକ, ପ୍ରଭାସ ରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ମିଶ୍ର, ରାଧେଶ୍ୟାମ ବିଶ୍ୱାଳ, ଶିବୁ ଭୌମିକ ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଜଳେଶ୍ୱର ବ୍ଲକ, ୪।୨ (ସମିସ) : ଜଳେଶ୍ୱରସ୍ଥିତ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ଶିବିର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମାମିରାଣୀ ମହାନ୍ତି ଶିବିରକୁ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇଥିଲେ। ସଂଯୋଜିକା ଅଧ୍ୟାପିକା ସୁରତି ଦେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ରଶ୍ମିତା ଦେ ଶିବିରରେ ଦିଆ ଯାଉଥିବା କଳା କୌଶଳକୁ ଛାତ୍ରୀମାନେ ଅଭ୍ୟାସ କଲେ ଏକ ସୁରକ୍ଷିତ ଜୀବନ ଉପଭୋଗ କରିବେ ବୋଲି ମତ ନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ଡକ୍ଟର ନୀଳକଣ୍ଠ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧଗୁମ୍ଫାରେ ଭ୍ରାମ୍ୟମାଣ ବୈଠକ ଓ ବନ୍ଧୁମିଳନ



ଖଇରା, ୪।୨ (ସମିସ): ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଭ୍ରାମ୍ୟମାଣ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ହାଟଡିହି ବ୍ଲକର କାହାଳିଆ ଗଡ଼ିଆ ପଞ୍ଚାୟତର ସିଦ୍ଧଗୁମ୍ଫା ଠାରେ ଅନୁଷ୍ଠିତ ହୋଇ ଯାଇଛି। ଉପସଭାପତି ସୁରେନ୍ଦ୍ର ନାଥ ବଳବନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ ଅସୁସ୍ଥ ଥିବା ସଭାପତିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଆଗାମୀ ଦିନରେ ସାଂଗଠନିକ କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ବସ୍ତି ସଫେଇ, ଦେୟମୁକ୍ତ ରୋଗୀସେବା ଉପରେ ଆଲୋଚନା କରାଯାଇଥିଲା। ଗୋଲକ ନାୟକ, ନାରାୟଣ ପେଢ଼ା, ସୁଦର୍ଶନ ପାଣିଗ୍ରାହୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ସୁଦର୍ଶନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ

ନୀଳଗିରି, ୪।୨(ସମିସ): ରେମୁଣା ବ୍ଲକ ବରୁଣସିଂର ଶ୍ରୀଜଗନ୍ନାଥ ହାୟାର ସେକେଣ୍ଡାରି ସ୍କୁଲରେ ନୂଆ- ଓ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଫକୀରମୋହନ କଲେଜର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ତଥା ଜିଲ୍ଲା ନୂଆ ଓ ସଂଯୋଜକ ଡ. ସୁବ୍ରତ କୁମାର ରଣା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା, ଓଡ଼ିଆ ଭାଷାର ସୃଷ୍ଟି, ବିକାଶ ତଥା ଓଡ଼ିଆ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ସମାଜସେବୀ ମାର୍କଣ୍ଡ ସେଠୀ ଓ ବରୁଣସିଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଭୂଷଣ ମହାନ୍ତି ନୂଆ ଓ ସାହିତ୍ୟ ପ୍ରତିଯୋଗିତାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ନୋଡାଲ ଅଫିସର ଡ. ମାନସ୍ୱିନୀ ବାରିକ ନୂଆ-ଓର ବିଭିନ୍ନ ଦିଗ ବିଷୟରେ ବକ୍ତବ୍ୟ ରଖିଥିଲେ। ଇଂରାଜୀ ଅଧ୍ୟାପକ ବଳରାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ ଗିରିଶ ଚନ୍ଦ୍ର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସତୀଶ ଚନ୍ଦ୍ର ପଟ୍ଟନାୟକ ସହଯୋଗ କରିଥିଲେ। ବସନ୍ତ କୁମାର ମହନ୍ତ, ପଙ୍କଜ କୁମାର ଦାସ, ଇତିଶ୍ରୀ ରାଉତ, ସରିତା ପାଢ଼ୀ, ମନୋଜ ଅଗସ୍ତି, ହଳଧର ବେହେରା, ରାମହରି ସେଠୀ, ବିଶ୍ୱଜିତ ପଣ୍ଡା, ହୃଷିକେଶ ବିଶ୍ୱାଳ ସହଯୋଗ କରିଥିଲେ।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



ଜଳେଶ୍ୱର ବ୍ଲକ, ୪।୨ (ସମିସ) ଓଡ଼ିଆ ଭାଷା ମହାନ। ତେଣୁ ଏହି ମହାନତାକୁ ବଜାଇ ରଖି ପାଳନ କରିଛି ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ। ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀର ପିଲାଙ୍କ ମଧ୍ୟରେ ବିଭିନ୍ନ ସୃଜନାତ୍ମକ ପ୍ରତିଭାର ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପିଲାଙ୍କୁ ଉତ୍ସାହିତ କରିବା ପାଇଁ ପ୍ରାକ୍ତନ ଅଧ୍ୟକ୍ଷ ତଥା ଗବେଷକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଡାକ୍ତର କାଳିଚରଣ ଶତପଥୀ ଓ ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି କାମିଲା ଉପସ୍ଥିତ ଥିଲେ। ତତ୍ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପିଟିଏ ଓ ଆଲୁମିନି କମିଟିର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ପିଲାଙ୍କର ପ୍ରତିଭାକୁ ବିକଶିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସବିତା ପାଠୀ ମଞ୍ଚ ଆହ୍ୱାନ କରିଥିବାବେଳେ ଜଗନ୍ନାଥଙ୍କ ସ୍ତୁତି ପଠନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶୀ, ଗୋଟିପୁଅ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବାବେଳେ କବିତା, ଗଳ୍ପ, ଲେଖା, ପ୍ରକଳ୍ପ, ହସ୍ତଶିଳ୍ପ ପ୍ରଦର୍ଶନ କରିଥିଲେ। ରଣଜିତ ଦାସ ଓ ବିନୋଦ ନାୟକ ସହଯୋଗ କରିଥିଲେ। ଶିକ୍ଷୟତ୍ରୀ ସବିତା ପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## 'ସାହାରା' ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ରାଇବଣିଆ, ୪।୨(ସମିସ): ସାହାରା ଫାଉଣ୍ଡେସନ ରାଇବଣିଆ ପକ୍ଷରୁ ଖୁଆଡ଼ ପଞ୍ଚାୟତ ପୁରୁଣାପାଣିଗ୍ରାମସ୍ଥିତ ପ୍ରୟାସ ବରିଷ୍ଠ ନାଗରିକ ଆବାସସ୍ଥଳୀରେ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ସାହାରା ଫାଉଣ୍ଡେସନର ସଭାପତି ଡାକ୍ତର ଭରତ କୁମାର ଗାନ୍ଧୀ ଉଦଘାଟନ କରିଥିଲେ। ଏହି ଶିବିରରେ ଡାକ୍ତର ଗାନ୍ଧୀ ପ୍ରୟାସ ବରିଷ୍ଠ ନାଗରିକ ଆବାସସ୍ଥଳୀର ଅନ୍ତେବାସୀଙ୍କ ମଧୁମେହ, ରକ୍ତଚାପ, ଶ୍ୱାସରୋଗ, ଆଣ୍ଠୁ ଗଣ୍ଠି ଭଳି ବିଭିନ୍ନ ରୋଗର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସମ୍ପାଦକ କୁନାଲ ସିଂ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପସ କୁମାର ଭଣ୍ଡାର, ନେପୁଲିୟନ ଘୋଷ, ସାଗର ଡାଁ, କମଲେସ ଦାସ ଏବଂ ସଞ୍ଜୟ କୁମାର ମହାନ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।




## ବ୍ଲକ୍ ସ୍ତରୀୟ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର ବ୍ଲକ, ୪।୨(ସମିସ) : ସମଗ୍ର ରାଜ୍ୟରେ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଓ ଶିକ୍ଷା ଓ ଅନୁସନ୍ଧାନ ଅନୁଷ୍ଠାନ ପ୍ରକ୍ଷରୁ ପାଳିତ ହୋଇଛି ଉତ୍ସବ ଓ ସମ୍ବର୍ଦ୍ଧନା ସଭା। ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଏପରି ଉତ୍ସବ ପାଳନ ହେବା ସହିତ ପଞ୍ଚାୟତ ସ୍ତରୀୟ ଭାଷା, ସାହିତ୍ୟ ସଂସ୍କୃତି ସମ୍ପର୍କରେ ବିଶେଷ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଜଳେଶ୍ୱର ବ୍ଲକ ପରିସରରେ ଆୟୋଜିତ ଏପରି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଡିଓ ପୁନମ ରାଉତ, ସମ୍ମାନୀତ ଅତିଥିଭାବେ ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ ଯୋଗ ଦେଇ ପୁରସ୍କାର ବିତରଣ ଓ ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଓ ବିଭିନ୍ନ ବିଷୟରେ ଗବେଷଣା କରୁଥିବା ଡ. ଶ୍ରୀକାନ୍ତ ଚରଣ ପାତ୍ର, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ଡ. ରଜନୀକାନ୍ତ ଭୂୟାଁ ଓ ରମାକାନ୍ତ ଭଞ୍ଜଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଗତ ଶୁକ୍ରବାର ଅପରାହ୍ନରେ ଏହି କାର୍ଯ୍ୟକ୍ରମ ଲାଗି ହୋଇଥିବା ପ୍ରତିଯୋଗିତାରେ ୩ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲ।

## ଗଣ୍ଡିବେଢ଼ ହାଇସ୍କୁଲର ୫୯ତମ ବାର୍ଷିକୋତ୍ସବ

ଖଇରା, ୪।୨ (ସମିସ): ଖଇରା ବ୍ଲକ ଅଧୀନ ଗଣ୍ଡିବେଢ ସରକାରୀ ହାଇସ୍କୁଲର ୫୯ତମ ବାର୍ଷିକୋତ୍ସବ ମହାଆଡମ୍ବରରେ ପାଳିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଷ୍ଠା ଓ ଅଧ୍ୟବସାୟ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ବୋଲି କହିଥିଲେ। ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତିଲତା ମହାନ୍ତି, ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଦାସ, ଆଲୁମିନି ସଭାପତି ମଧୁସୂଦନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୌତମ ବେହେରା ବିବରଣୀ ପାଠ ଓ ବିନୟ ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ତାପସ ରଞ୍ଜନ ଦାସ, ସରୋଜ ମଲ୍ଲିକ, ହେମନ୍ତ ସେନାପତି, ନିରଞ୍ଜନ ବେହେରା, ନାରାୟଣ ପଣ୍ଡା, ଚିନ୍ମୟୀ ଦେବସ୍ମିତା ପାଣିଗ୍ରାହୀ, ଅନୁରାଧା ରାଉଳ, ଇତିଶ୍ରୀ ମିଶ୍ର, ସସ୍ମିତା ସାହୁ, ଲକ୍ଷ୍ମୀମଣୀ ଜେନା, ନିଳାମ୍ବର ଗିରି, ସନିମଣି ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦିବାସୀ ସାହିରୁ ମଦ ବ୍ୟବସାୟ ବନ୍ଦ ଦାବି

# ଥାନାଛକ-ଦେଉଳାହାଟ ରାସ୍ତା ଅବରୋଧ କଲେ ମହିଳା



ଭୋଗରାଇ, ୪।୨(ସମିସ):

ଦେଶୀ, ବିଦେଶୀ ଓ ପଶ୍ଚିମବଙ୍ଗର ଚୋରା ମଦ ବ୍ୟବସାୟର ହବ୍ ପାଲଟିଛି ଭୋଗରାଇ। ପୁଲିସ ଓ ଅବକାରୀ ବିଭାଗ ନିଦାବିଷ୍ଣୁ ସାଜିଛି। ରାସ୍ତାପାର୍ଶ୍ୱରେ ଥିବା ଛୋଟ ଛୋଟ ଦୋକାନ ସମେତ ନିଜ ଘରେ ଚୋରା ମଦ ବ୍ୟବସାୟ ଚାଲିଛି। ଏହି ଚୋରା ମଦ ଦୋକାନ ସମ୍ମୁଖରେ ଦିନରାତି ଶହ ଶହ ଯୁବକ ଓ ଦିନ ମଜୁରିଆଙ୍କ ଭିଡ଼ ଲାଗୁଛି। ଫଳରେ ରାସ୍ତାରେ ଯାନବାହାନ ଭିଡ଼ ହେବା ସହିତ ନିଶାଗ୍ରସ୍ତ ବାଇକ ଓ ଟ୍ରାକ୍ଟର ଚାଳକମାନେ ବହୁ ସମୟରେ ଦୁର୍ଘଟଣା ଘଟାଉଛନ୍ତି। ଏଭଳି ସମୟରେ ଭୋଗରାଇ ବ୍ଲକ ଥାନାଛକ-ଦେଉଳା ହାଟ ମୁଖ୍ୟରାସ୍ତା ପାର୍ଶ୍ୱ ସରସ୍ୱତୀପୁର ଆଦିବାସୀ ସାହିରେ ଚାଲିଥିବା ବ୍ୟାପକ ଚୋରା ମଦ ବ୍ୟବସାୟକୁ ନେଇ ତାତିଛନ୍ତି ସରସ୍ୱତୀପୁର ଓ ନିଧୁବଣୀ ଗାଁର ମହିଳା ଗୋଷ୍ଠୀ। ବେଆଇନ ମଦ ବ୍ୟବସାୟ ବନ୍ଦ ଦାବିରେ ଶତାଧିକ ମହିଳା ଏବଂ ପୁରୁଷ ରବିବାର ମଧ୍ୟାହ୍ନରେ ଥାନାଛକ-ଦେଉଳା ହାଟ ମୁଖ୍ୟ ରାସ୍ତାକୁ ଦୀର୍ଘ ୩ ଘଣ୍ଟା ଅବରୋଧ କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଥାନା ପୁଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।

ଦେହୁର୍ଦ୍ଦା ପଞ୍ଚାୟତର ନିଧୁବଣୀ ଓ ଦେଉଳା ପଞ୍ଚାୟତର ସରସ୍ୱତୀପୁର ଗାଁ ଦ୍ୱୟର ସଂଯୋଗ ସ୍ଥଳ ତଥା ଥାନାଛକ-ଦେଉଳାହାଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ହେଲା ଗଢିଉଠିଛି ଏକ ଆଦିବାସୀ ସାହି। ସେଠାରେ ବସବାସ କରୁଥିବା ୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ପରବର୍ତ୍ତୀ ସମୟରେ ସରସ୍ୱତୀପୁର ଗାଁର ଭୋଟର ହୋଇଛନ୍ତି। କିଛି ବର୍ଷ ହେଲା ସେହି ଆଦିବାସୀ ସାହିରେ ବ୍ୟାପକ ଚୋରା ମଦ ବ୍ୟବସାୟ ଚାଲିଛି। ସେମାନେ ନିଜେ ପ୍ରସ୍ତୁତ କରୁଥିବା ମହୁଲି ମଦ ସହିତ ପଶ୍ଚିମବଙ୍ଗ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଛନ୍ତି। ଆଖପାଖ ଆଠ ଦଶଟି ପଞ୍ଚାୟତର ଶହ ଶହ ଯୁବକ ଓ ବୟସ୍କ ଲୋକ ଦିନ ରାତି ମଦ ପାଇଁ ଏହି ଆଦିବାସୀ ସାହିରେ ଭିଡ଼ ଲଗାଉଛନ୍ତି। ମଦ ପ୍ରଭାବରେ ରାସ୍ତାରେ ଚୋରା ବାଲି ବୋହୁଥିବା ଟ୍ରାକ୍ଟର ଗୁଡିକ ଅଧିକ ଦୁର୍ଘଟଣା ଘଟାଉଛି। ଏହି କାରଣରୁ ଶନିବାର ସନ୍ଧ୍ୟାରେ ଏକ ନମ୍ବର ବିହୀନ ଟ୍ରାକ୍ଟର ଧକ୍କାରେ ବାପାଙ୍କ ସହିତ ରାସ୍ତାରେ ଯାଉଥିବା ଜଣେ ୬ ବର୍ଷ ଶିଶୁକନ୍ୟାର ଜୀବନହାନୀ ହୋଇଥିଲା। ୱାର୍ଡମେମ୍ବର ମାନସ ବାରିକ, ମହେଶ୍ୱର ବାରିକ, ଅଜୟ ବାରିକ, ଅଜୟ କାମିଲା, ଶ୍ୟାମା ପ୍ରସାଦ ଦାସ, କାଳାଚାନ୍ଦ ଦାସ, ସୁଶାନ୍ତ ବାରିକ, ହରିଶଙ୍କର ଚକ୍ରବର୍ତ୍ତୀ, ରତ୍ନାମଣି ବାରିକ, ନମିତା ବାରିକ, ସପ୍ନାରାଣୀ ଦାସ, ମାମୁନୀ ଲାହା, ତମିନା ଖାତୁନ, ମାଳତୀ ଲାହା, ବନ୍ଦନା ଦେ, ସେଫାଳୀ ଲାହା, ପୁଷ୍ପାଞ୍ଜଳି ଦାସ, ସବିତା ଦେ, କନକଲତା ଦାସଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଆସନ୍ତା ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟା ସମୟରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଥିଲା।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

# ବାଲେଶ୍ୱରର ବାଜିମାତ୍, ସଫଳତା ବଜାୟ ରଖିବାକୁ ପଣ

ବାଲେଶ୍ୱର, ୪।୨(ସମିସ):

ରାଜ୍ୟର ୩୦ଟି ଜିଲ୍ଲା ଭିତରୁ ଶିକ୍ଷାକ୍ଷେତ୍ରରେ ଅନବଦ୍ୟ ଅବଦାନ ପାଇଁ ବାଲେଶ୍ୱର ଜିଲ୍ଲାକୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବା ପରେ ସାରା ଜିଲ୍ଲାରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। କେବଳ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷ ନୁହନ୍ତି, ତମାମ ଜିଲ୍ଲାବାସୀ ଏହି ବିରଳ ସଫଳତାକୁ ମନଭରି ଉପଭୋଗ କରୁଛନ୍ତି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ମାଟିରେ ଶିକ୍ଷାର ଯେଉଁ ଡିଣ୍ଡିମ ବାଜି ଉଠିଛି, ତା'ର ସ୍ୱରକୁ ଏହିପରି ଊର୍ଦ୍ଧ୍ୱରେ ରଖିବାକୁ ଜିଲ୍ଲାପାଳଙ୍କ ସମେତ ଏଥିରେ ସମ୍ପୃକ୍ତ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ ପଣ କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭାମଞ୍ଜରୀ ଦାସ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି, ପବିତ୍ର ମୋହନ ବାରିକ ଓ ଧରଣୀଧର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ସମେତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ, ବାର୍ଷିକ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ, ସମଗ୍ରଶିକ୍ଷା ଅନ୍ତର୍ଗତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ, ନିୟମିତ ବ୍ୟବଧାନରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମୀକ୍ଷା ବୈଠକର ଆହ୍ୱାନ ଏବଂ ନୂଆ ନୂଆ କାର୍ଯ୍ୟକ୍ରମ ପ୍ରଣୟନ କରି ଶିକ୍ଷାର ବିକାଶ ଦିଗରେ ବାଲେଶ୍ୱର ଜିଲ୍ଲା ଏକ ଉଦାହରଣ ସୃଷ୍ଟି କରିପାରିଛି। ଶ୍ରେଷ୍ଠ ଜିଲ୍ଲା ବିଭାଗରେ ପୁରସ୍କୃତ ହେବା ପରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି ଏହାଏବେ ସାରା ଜିଲ୍ଲା ପାଇଁ ଏକ ଦାୟିତ୍ୱ ଭାବରେ ଉଭା ହୋଇଛି। କାରଣ ପ୍ରଥମ ହେବାଠାରୁ ପ୍ରଥମ ସ୍ଥାନ ବଜାୟରଖିବା ନିଶ୍ଚିତ ଭାବରେ ଏକ ଆହ୍ୱାନ ସୃଷ୍ଟିକରିଛି। ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲା ପ୍ରଥମ ହେବା ପଛରେ ଥିବା କାରଣଗୁଡ଼ିକ ମଧ୍ୟରୁ 'ବାଲେଶ୍ୱର ବୁକ୍ କ୍ଲବ୍', 'ଏ-୧ ବାଲେଶ୍ୱର' ଓ ଉନ୍ନତ ବିଦ୍ୟାଳୟ ପରିଚାଳନାକୁ ଶ୍ରେୟ ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁକ୍ କ୍ଲବ୍ କାର୍ଯ୍ୟକାରୀ ହେଉଥିବାବେଳେ ଏଥିରେ ଛାତ୍ରଛାତ୍ରୀ ମାନେ ନିୟମିତ ଭାବରେ ପୁସ୍ତକ ସମୀକ୍ଷା କରିଥା'ନ୍ତି, ଯାହା ତାଙ୍କର ବୌଦ୍ଧିକ ବିକାଶରେ ପ୍ରତ୍ୟକ୍ଷ ଭାବରେ ସହାୟକ ହୋଇଥାଏ। ଏଥି ନିମନ୍ତେ ସେମାନଙ୍କୁ ବ୍ଲକ ଓ ଜିଲ୍ଲା ସ୍ତରରେ ପ୍ରୋତ୍ସାହିତ କରିବାକୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଏ। ୧୨ଟି ବ୍ଲକ ରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ମହୋତ୍ସବରେ ପୁରସ୍କୃତ କରାଯାଏ। ଜିଲ୍ଲାରେ ମଧ୍ୟ ପ୍ରତି ବ୍ଲକ ରେ ଶ୍ରେଷ୍ଠ ପ୍ରତିଭାଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଶ୍ରେଷ୍ଠଙ୍କୁ ଚୟନ କରାଯାଏ। ଏଥିସହ ଜିଲ୍ଲାର ସମୁଦାୟ ମାଟ୍ରିକ ବୋର୍ଡ ପରୀକ୍ଷାର୍ଥୀଙ୍କମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ଯେପରି ଏ-୧ ଗ୍ରେଡ୍ ରେ ଉନ୍ନୀତ ହେବେ, ସେ ଦିଗରେ ସମସ୍ତ ଉଦ୍ୟମ କରିବାକୁ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ବିଦ୍ୟାଳୟ ବିଭିନ୍ନ ବିଷୟର ଏକ୍ସପର୍ଟ ମାନଙ୍କୁ ଆଣି ଯେ କୌଣସି ବିଷୟରେ ପିଲାମାନଙ୍କ ସନ୍ଦେହ ମୋଚନ କରିବାକୁ ଉଦ୍ୟମ ଅବ୍ୟାହତ ରଖିଥା'ନ୍ତି। ଏହି କ୍ରମରେ ପିଲାମାନଙ୍କ ଲିଖନ କୌଶଳ, କେଉଁ ପ୍ରଶ୍ନକୁ ପ୍ରାଥମିକତା ଦିଆଯିବା ଉଚିତ, ପରୀକ୍ଷାରେ ସମୟର ସୁପରିଚାଳନା ଆଦି ବାବଦରେ ପ୍ରଶିକ୍ଷଣ ଦିଆଯାଇଥାଏ। ତେବେ ବାଲେଶ୍ୱର ଜିଲ୍ଲା ଆଗାମୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ମଧ୍ୟ ଏହି ସଫଳ ପ୍ରଦର୍ଶନକୁ ବଜାୟ ରଖିବ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି।

**ପୁରସ୍କାର ପାଇବା ପରେ ବଢ଼ିଛି ଦାୟିତ୍ୱ: ଜିଲ୍ଲାପାଳ**

## ବିଶ୍ୱ କର୍କଟ ଦିବସରେ କେଶ ଦାନ କଲେ ମହିଳା



ସୋର, ୪।୨(ସମିସ): ବିଶ୍ୱ କର୍କଟ ଦିବସ ଅବସରରେ ଜଣେ ମହିଳା କର୍କଟ ପୀଡ଼ିତା ମହିଳାମାନଙ୍କର ଶ୍ରୀବୃଦ୍ଧି ପାଇଁ କେଶ ଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାର ସୁଜାତା ପ୍ରଧାନ ରବିବାର ସୋରର 'କେଶ ଥିଲେ ଦିଅନ୍ତୁ ନଥିଲେ ନିଅନ୍ତୁ', ସଂସ୍ଥାରେ ପହଞ୍ଚି ନିଜର କେଶ ଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କର୍କଟ ଭଳି ରୋଗ ହେଲେ କେମୋ ନେବା ଦ୍ୱାରା ରୋଗୀମାନଙ୍କର କେଶ ସମ୍ପୂର୍ଣ୍ଣ ଝଡିଯାଇଥାଏ। ଫଳରେ ସେମାନେ ସାମାଜିକ ଭାବେ ନିଜକୁ ନ୍ୟୁନ ମନେକରିଥାନ୍ତି। ବିଶେଷ କରି ମହିଳାମାନଙ୍କ କ୍ଷେତ୍ରରେ ଏହି ଭାବ ଅଧିକ ଦେଖାଯାଇଥାଏ। ଏହି ରୋଗୀଙ୍କ ପାଇଁ ଦାନ କରାଯାଉଥିବା କେଶ ବରଦାନ ସଦୃଶ ସାବ୍ୟସ୍ତ ହୋଇଥାଏ। ସୁଜାତା ଅନ୍ୟ ଜଣେ ମହିଳାଙ୍କଠାରୁ ପ୍ରେରଣା ପାଇଥିଲେ। ସେ ମଧ୍ୟ ଆଜି କେଶ ଦେଇଥିବା ନେଇ ଅନେକ ଖୁସି ଅଛନ୍ତି। ତେବେ ଶୋଭା ଟ୍ରଷ୍ଟ ମାଧ୍ୟମରେ ଖଇରା ଅଞ୍ଚର ଜଣେ ମହିଳା କୁଞ୍ଜଲତା ମହନ୍ତ ଓ ସୋର ଅଞ୍ଚଳର ସୁଶାନ୍ତ ମହାନ୍ତି ନାମକ ବ୍ୟକ୍ତି ପୂର୍ବରୁ କେଶ ଦାନ କରିଥିଲେ। ପରେ ନେକ ମହିଳା ପ୍ରେରିତ ହୋଇ କେଶ ଦାନ କରିଚାଲିଛନ୍ତି। ଆଜି ମଧ୍ୟ ନୟାଗଡ଼ର ସୁଜାତା ୧୮ ଇଞ୍ଚର କେଶ ପ୍ରଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏହି କେଶକୁ ନେଇ ହାଇଦ୍ରାବାଦ ଓ ମୁମ୍ବାଇର କେତକ ସଂସ୍ଥା ୱିଗ୍ ପ୍ରସ୍ତୁତ କରି କର୍କଟ ରୋଗରେ କେଶ ହରାଇଥିବା ମହିଳାଙ୍କୁ ପ୍ରଦାନ କରାଯାଇଥାଏ।

## ବୀରବ୍ରହ୍ମପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

ସିମୁଳିଆ, ୪।୨(ସମିସ): କାଣ୍ଟାପଡ଼ା ପଞ୍ଚାୟତର ବୀରବ୍ରହ୍ମପୁର ୟୁଜିୟୁପି ବିଦ୍ୟାଳୟରେ ପ୍ରଧାନଶିକ୍ଷକ କରୁଣାକର ସିଂଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଭଗବତ ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କମ୍ବୋଧର ପେଡ଼ା(ବାଦଲ), ମହେଶ୍ୱର ଘଡିଆ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଶ୍ୱେତପ୍ରଭା ସାହୁ ଅତିଥି ପରିଚୟ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଶ୍ରଦ୍ଧାପୁର, ୪।୨(ସମିସ ): ଭୋଗରାଇ ବ୍ଲକ କାନ୍ଠଥଉଁରୀ ପଞ୍ଚାୟତ ସେହି ଗ୍ରାମର ଧର୍ମ ପରାୟଣା ମହିଳା ସୁମତି ପ୍ରଧାନଙ୍କର ଆଜି ପରଲୋକ ହୋଇଛି। ତାଙ୍କୁ ମୃତ୍ୟୁବେଳକୁ ୭୫ ବର୍ଷ ବୟସ ହୋଇଥିଲା। ସେ ଆଜ୍‌ମା ରୋଗରେ ପୀଡିତ ଥିଲେ। ହଠାତ ଅସୁସ୍ଥ ହେବାରୁ ଡାକ୍ତରଖାନା ଯିବା ରାସ୍ତାରେ ପ୍ରାଣ ବାୟୁ ଚାଲିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତୁରା ଧ୍ରୁବ ଚରଣ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ମନୋଜ ପ୍ରଧାନ, ମନ୍ମଥ ପ୍ରଧାନ ସହିତ ଅନ୍ୟ ପୁତୁରା ଓ ପୁତୁରା ବୋହୂ, ପରିବାରବର୍ଗ ଉପସ୍ଥିତ ଥିଲେ। ପୁତୁରା ବିଭୁତି ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ମଡେଲ୍ ଅଙ୍ଗନବାଡ଼ି କେନ୍ଦ୍ର ସହ ଶିଶୁ କ୍ରୀଡ଼ା ଉଦ୍ୟାନ ପ୍ରକଳ୍ପ ଉଦ୍‌ଘାଟିତ

ବାଲେଶ୍ୱର, ୪।୨(ସମିସ): ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୨୪ ନମ୍ବର ୱାର୍ଡର ବିଭିନ୍ନ ସ୍ଥାନରେ ରବିବାର ଦିନ ଅନେକ ପ୍ରକଳ୍ପର ଶିଳାନ୍ୟାସ ସହ ଉଦ୍‌ଘାଟନ ହୋଇଛି। ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରକଳ୍ପ ଗୁଡ଼ିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ବାରବାଟୀ, ଓଲନ୍ଦାଜସାହି, ଦିନାମାରଡିଙ୍ଗା ଅଞ୍ଚଳରେ ତିନୋଟି ଶିଶୁ କ୍ରିଡା ଉଦ୍ୟାନ ଲୋକର୍ପିତ ହୋଇଛି। ଦିନାମାରଡିଙ୍ଗାରେ ୧୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଗୋଟିଏ ମଡେଲ ଅଙ୍ଗନବାଡ଼ି କେନ୍ଦ୍ର, ୯ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟରେ ତିନୋଟି ଶିଶୁ ଉଦ୍ୟାନ ଏବଂ ଏକ ଲକ୍ଷ ଟଙ୍କା ବ୍ୟୟରେ କାନ୍ଥ ଚିତ୍ରାଙ୍କନ ପ୍ରକଳ୍ପ ସମେତ ଅଲନ୍ଦାଜ ସାହି ବାରବାଟୀ ଓ ଦିନାମାରଡିଙ୍ଗା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ କ୍ରୀଡା ଉଦ୍ୟାନ ଉଦଘାଟିତ ହୋଇଯାଇଛି। କାଉନସିଲର ମୀନା ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ରାଉତ, କାଉନସିଲର ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଏମ୍‌ଇ ସୀମାଞ୍ଚଳ ମିଶ୍ର, କାଉନସିଲର ସେଖ ଆୟୁବ, ସେଖ ଆନସର, ଅଙ୍ଗନବାଡ଼ି ସୁପରଭାଇଜର ବିଷ୍ଣୁପ୍ରିୟା ରଣା, କଳ୍ପନା ରଣା, ଛାୟା ରାଣି ମହାରଣା, କବିତା ରଣା, ସ୍ୱାତୀ କର, ଜୋସ୍ନା ଜେନା, ବନିତା ଜେନା, ମନୋରମା ମାଝୀ, ସରସ୍ୱତୀ କର, କାକଳି କର, ସର୍ବରୀ ରାଣୀ କର, ଜୟଶ୍ରୀ କର, ସୁଚିସ୍ମିତା କର, ସୁନାମଣି କର ଓ ମାନସୀ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫକୀରମୋହନ ସାହିତ୍ୟ ପରିଷଦ ସମ୍ବର୍ଦ୍ଧିତ

ବାଲେଶ୍ୱର, ୪।୨(ସମିସ): ରାଜ୍ୟ ସରକାରଙ୍କ ତରଫରୁ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ପ୍ରଥମ ବିଶ୍ୱ ଓଡ଼ିଆ ସମ୍ମିଳନୀ ତରଫରୁ ଫକୀରମୋହନ ସାହିତ୍ୟ ପରିଷଦକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭୁବନେଶ୍ୱରର ଜନତା ମଇଦାନରେ ଏକ ଭବ୍ୟ ଉତ୍ସବ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ ଫକୀରମୋହନ ଭାଷା ସମ୍ମାନ ପ୍ରାପ୍ତ ହୋଇଥିବା ଫକୀରମୋହନ ସାହିତ୍ୟ ପରିଷଦକୁ ଉପାୟନ ଓ ସ୍ମାରକୀ ପ୍ରଦାନ କରି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ସମ୍ପାଦକ ଦୀପକ ବୋଷଙ୍କୁ ଫେବୃଆରୀ ୩ ତାରିଖରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜିତେନ୍ଦ୍ରନାଥ ନାୟକଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରକୁ ନିଆଯାଇଥିଲା। ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ଅନ୍ୟତମ ଅଧିକାରୀ ରାଜେଶ କୁମାର ସାହୁଙ୍କ ସହଯୋଗରେ ୪ ତାରିଖ ରବିବାର ମଧ୍ୟାହ୍ନ ସମୟରେ ପରିଷଦକୁ ଓଡ଼ିଆ ସାହିତ୍ୟ ପାଇଁ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ● ନେତାଜୀ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକୋତ୍ସବ

## ଛାତ୍ରଛାତ୍ରୀମାନେ ଭଲମଣିଷ ହେବା ଜରୁରୀ




ଭୋଗରାଇ, ୪।୨(ସମିସ): ନେତାଜୀ ଇଂରାଜୀ ମାଧ୍ୟମ ସ୍କୁଲର ଅଧ୍ୟକ୍ଷ ଭକ୍ତିପଦ ମହାନ୍ତିଙ୍କ ପୌରୋହିତ୍ୟରେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ, ସଂସ୍କାରୀ ଓ ଅଧ୍ୟବସାୟୀ ହେବାକୁ ଆହ୍ୱାନ ଦେଇଥିଲେ। ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଆଦର୍ଶ ନାଗରିକ ତଥା ଭଲ ମଣିଷ ଭାବେ ଗଢି ତୋଳିବାରେ ସଫଳ ହେବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲର ଚେୟାରମେନ ପ୍ରିୟବ୍ରତ ଦାଶ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସିଂହ, ସମାଜସେବୀ ପ୍ରଭୁରାମ ପାତ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷା ସଚେତନ ସମାଜରେ ଛାତ୍ରଛାତ୍ରୀ ମାନେ ପାଠ ପଢ଼ି ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉଦ୍ୟମ ଜାରି ରଖିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଉଦୟହରି ମାଝୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିବା ସହିତ ନେତାଜୀ ସୁଭାଷଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦିକା ତଥା ଶିକ୍ଷୟିତ୍ରୀ ମଧୁମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାସହିତ ପୂର୍ବରୁ ଅନୁଷ୍ଠିତ ସ୍ୱାସ୍ଥ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମାଆ ହରିପ୍ରିୟା ବେହେରା ଓ ସୁକନ୍ୟା ପ୍ରଧାନଙ୍କୁ ବିଭିନ୍ନ ମୂଲ୍ୟବାନ ରୋଷେଇ ସରଞ୍ଜାମ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସ୍ନେହା ଉପାଧ୍ୟାୟ, ବୈଶାଖୀ କର, ନିକିତା ଦେ, ଶୁଭଶ୍ରୀ ପାତ୍ର ଓ ସଦବ ତବସୁମ ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ଉଦ୍‌ଯାପିତ

# ଜନସମୁଦ୍ର ପାଲଟିଲା ଆଇଟିଆଇ ପଡ଼ିଆ




ବାଲେଶ୍ୱର, ୪।୨(ସମିସ): ଭାରତ ସରକାରଙ୍କ ଏମଏସ୍‌ଏମ୍‌ଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତରଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଚାଲିଥିବା ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା -୨୦୨୪' ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ତଥା ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହିଭଳି ଶିଳ୍ପମେଳା ଶିଳ୍ପ ପ୍ରତିଷ୍ଠା ନେଇ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବ ବୋଲି ଆଶା ପ୍ରକାଶ କରିଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିକ୍‌ରେ, ଚାନ୍ଦିପୁରସ୍ଥିତ ଆଇଟିଆରର ନିର୍ଦ୍ଦେଶକ ହରେକୃଷ୍ଣ ରଥ, ପିକେ ଗୁପ୍ତା, ସିଆଇଆଇ ଉତ୍ତର ଓଡ଼ିଶା ଜୋନ କାଉନସିଲ୍‌ର ପୂର୍ବତନ ସଭାପତି ଶିଳ୍ପପତି ଚନ୍ଦ୍ର ପ୍ରକାଶ ଭରତିଆ ପ୍ରମୁଖ ଯୋଗଦେଇ ଶିଳ୍ପ ଓ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଏକ୍ସପୋ ଓଡ଼ିଶାର ଉଦ୍ଦେଶ୍ୟ ସାଧନ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଜନସମୁଦ୍ର ପାଲଟିଥିବା ଆଇଟିଆଇ ପଡ଼ିଆର ଦୃଶ୍ୟରୁ ଏହା ପ୍ରମାଣିତ ହୋଇଛି ବୋଲି ପ୍ରମାଣିତ ହୋଇଥିବା ସେମାନେ କହିଥିଲେ। ସଞ୍ଜୟ ଦାସ ଏଥିରେ ଅଧ୍ୟକ୍ଷତା ସହ ୬ ଦିନ ଧରି ଚାଲିଥିବା ଏକ୍ସପୋର ବିବରଣୀ ପ୍ରଦାନ କରିଥିଲେ। ଏକ୍ସପୋରେ ଖୋଲାଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ମାଧ୍ୟମରେ ୬ ଦିନ ମଧ୍ୟରେ ପ୍ରାୟ ୧୦ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ସେ ସୂଚନା ଦେଇଥିଲେ। ବିସିଆଇସି ସଭାପତି ସଞ୍ଜୟ ଦାସ ସ୍ୱାଗତ ଭାଷଣ ପ୍ରଦାନ ସହ ଏକ୍ସପୋର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଧାରଣ ସମ୍ପାଦକ ସୁନୀଲ ମୋଦି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ଷୁଦ୍ର ଶିଳ୍ପ ବିଭାଗରେ ସାବିତ୍ରୀ ଗିରି ଓ ୱେଲମେକ୍ସ ପ୍ଲାଷ୍ଟିକ, ବାଣିଜ୍ୟରେ ଭିଡିଓଜୋନ ଓ ଫେସନ୍ ଜୋନ, ଅଟୋମୋବାଇଲରେ ନୀଳମ ମୋଟର୍ସ, ଫେଭର ରାଇଡ ଓ ଓମ୍ ମୋଟର୍ସ, ହୋଟେଲ ବିଭାଗରେ ବାରଜୋର୍ଜିଜ ହୋଟେଲ, ସରକାରୀ ବିଭାଗରୁ ହସ୍ତଶିଳ୍ପରେ ଆରତୀ ମହାନ୍ତି, ଗୋ-ରଙ୍ଗ ପେଣ୍ଟସର ବବିତା ମିଶ୍ର ଓ ଓରମୋସର ରଞ୍ଜିତା ସିଂହଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ମନୋଜ ପୋଦାର ଓ ଅମର ସିଂହ ୱାଲିଆ ଏବଂ ୟୁ ଟ୍ୟୁବ୍ ଲାଇଭ ପାଇଁ ଆଜିକାଲି ନ୍ୟୁଜର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଏକ୍ସପୋ ପରିଚାଳନାରେ ସହଯୋଗ ପାଇଁ ରାଧାନାଥ ରଥ, ଅରବିନ୍ଦ ସାହୁ, ବିଜୟ ଅଧିକାରୀ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରଘୁନାଥ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୪।୨ (ସମିସ): ଶନିବାର ରଘୁନାଥ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସରସ୍ୱତୀପୁର ପରିସରରେ ବାର୍ଷିକ ଉତ୍ସବ ପାଳନ ଅବସରରେ ବଶିଷ୍ଟ ଅତିଥିମାନେ ଏହା ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ ଅରୁଣାଂଶୁ ଶେଖର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଚିକିତ୍ସାଧିକାରୀ, ଜଳେଶ୍ୱରପୁରର ଡାକ୍ତର କମଳାକାନ୍ତ ଜେନା, ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ବିକାଶ ପାତ୍ର, ଓଷ୍ଟା ଦକ୍ଷିଣ ଭୋଗରାଇ ସମ୍ପାଦକ ନଟରଞ୍ଜନ ଘଭାଇ, ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବ୍ରତ ଘରାଇ, ଚୈତନ୍ୟ ବେହେରା, ଗୌତମ ଗିରି, ବିସ୍ତୀକଣା ବାରିକ, ଅମିତା ଜେନା, ସୁବାସ ଦାସ, ସତ୍ୟନାରାୟଣ ଦାସ, ଅଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଚନ୍ଦନ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉତ୍ତମ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାକ୍ ବାଧିତ ଯୁବତୀଙ୍କ ହାତ ଧରିଲେ ମହେଶ୍ୱର



ବାହାନଗା, ୪।୨(ସମିସ): ବାକ୍‌ଶକ୍ତି ହରାଇଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ କରି ସମାଜ ପାଇଁ ପ୍ରେରଣା ସାଜିଛନ୍ତି ବାହାନଗା ବ୍ଲକ କସବାଜୟପୁର ପଞ୍ଚାୟତ ଜିରିତାଳ ଗ୍ରାମର ବୁଦ୍ଧିଆ ମଲ୍ଲିକଙ୍କ ପୁଅ ମହେଶ୍ୱର (୨୧)। ମହେଶ୍ୱର ନିଜ ସମ୍ପର୍କୀୟ ଘରକୁ ଯାତାୟାତ ସମୟରେ କୋଚିଆକୋଇଲି ଗ୍ରାମର ବାବୁ ମଳିକଙ୍କ ଝିଅ ରୁକ୍ମଣୀ ସହିତ ଗଢି ଉଠିଲା ପ୍ରେମ ସମ୍ପର୍କ। ରୁକ୍ମଣୀ ଜନ୍ମରୁ ବାକ୍‌ଶକ୍ତି ହରାଇଥିବା ବେଳେ ଦିବ୍ୟାଙ୍ଗ ଅଟନ୍ତି। ରୁକ୍ମଣୀ କଥା କହିପାରୁନଥିବା ଜାଣି ସୁଦ୍ଧା ମହେଶ୍ୱର ରୁକ୍ମଣୀଙ୍କୁ ଜୀବନ ସାଥୀ ଭାବେ ଗ୍ରହଣ କରିବାକୁ ମନସ୍ଥ କରିଥିଲେ। ପରେ ଉଭୟ ପ୍ରେମୀ ଯୁଗଳ ଠାରରେ ଠାରରେ ପ୍ରେମର ଭାଷାକୁ ପରିପ୍ରକାଶ କଲେ। ମହେଶ୍ୱର ଡିପ୍ଲୋମା ପାସ କରିବା କରେ ଚେନ୍ନାଇରେ କାମ କରୁଛନ୍ତି। ମହେଶ୍ୱରଙ୍କ ପରିବାର ରୁକ୍ମଣୀ ଭିନ୍ନକ୍ଷମ ଥିବାରୁ ପ୍ରଥମେ ଏହି ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ପରେ ନିଜ ଅନାବିଳ ପ୍ରେମକୁ ଚିର ଶାଶ୍ୱତ କରିବା ପାଇଁ ଉଭୟ ବିବାହ ପାଇଁ ଜିଦ୍ ଧରିଥିଲେ। ଶେଷରେ ଉଭୟ ପରିବାର ମହେଶ୍ୱର ଏବଂ ରୁକ୍ମଣୀଙ୍କ ପ୍ରେମକୁ ସ୍ୱୀକୃତ ଦେଇଥିଲେ। ଆଜି ବର ବେଶରେ ସାଜି ନିଜର ବରଯାତ୍ରୀ ସହ ମହେଶ୍ୱର ବାହାନଗା ବଡ଼ଗାଁ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପହଞ୍ଚି ଥିଲେ। କନ୍ୟା ବେଶରେ ସଜେଇ ହୋଇ ନିଜ ପରିବାର ଏବଂ ବନ୍ଧୁବାନ୍ଧବଙ୍କ ସହ ରୁକ୍ମଣୀ ମଧ୍ୟ ପହଞ୍ଚି ଥିଲେ।

## 'ଶିକ୍ଷା ସହ ସଂସ୍କାରର ମିଶ୍ରଣରେ 'ଶିକ୍ଷିତ'ର ସଂଜ୍ଞା ସମ୍ପୂର୍ଣ୍ଣ ହୁଏକ୍'

# ଭାରତ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ

ବାଲେଶ୍ୱର, ୪।୨(ସମିସ):



ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ଅନ୍ୟତମ ଶିକ୍ଷାନୁଷ୍ଠାନ ଭାରତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ 'ଭାରତ ଉତ୍ସବ-୨୦୨୪' ସହର ଉପକଣ୍ଠ ଦହପଡ଼ା ସ୍ଥିତ ନିଜସ୍ୱ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ଡ. ଶ୍ରୀଚନ୍ଦନ ଏଥିରେ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନର ସଫଳତା ଦିଗରେ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷା ସହ ସଂସ୍କାରର ମିଶ୍ରଣରେ ହିଁ 'ଶିକ୍ଷିତ' ସଂଜ୍ଞା ସମ୍ପୂର୍ଣ୍ଣ ହୋଇଥାଏ ବୋଲି ସେମତ ବ୍ୟକ୍ତ କରିଥିଲେ। ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ତଥା ଶିକ୍ଷାନୁଷ୍ଠାନ ପାଇଁ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆମେରିକା ଟେକ୍ସାସ ବିଶ୍ୱବିଦ୍ୟାଳୟ ପ୍ରଫେସର ଦେବେନ୍ଦ୍ର କୁମାର ଦାସ ବିଶେଷ ଅତିଥି ଭାବେ ଯୋଗଦେଇ ଅଧ୍ୟବସାୟୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଏଥିରେ ଯୋଗଦେଇ ବିଦ୍ୟାଧ୍ୟୟନ ଦ୍ୱାରା ସଫଳତା ହାସଲ କରିବା ସହ ଜଣେ ଭଲ ମଣିଷ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଭାରତ ସରକାରଙ୍କ 'ଏନଆଇଟିଟିଆର' ନିର୍ଦ୍ଦେଶକ କହ୍ଳ ରଞ୍ଜନ ଦାସ, ସଦର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ କରୁଥିବା ଭାରତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ବୈଶିଷ୍ଟତା ସମ୍ପର୍କରେ ଆଲୋଚନା ସହ ସଫଳତାର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଟ୍ରଷ୍ଟି ଅସିତ କୁମାର ଦାସ ଓ ଡାକ୍ତର ଆକାଶ ମୋଦୀ ଏଥିରେ ମଞ୍ଚାସୀନ ହୋଇ ଅନୁଷ୍ଠାନର ଶୈକ୍ଷିକ ପରିବେଶ ଓ ଶିକ୍ଷାଦାନ ଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଡିନ୍ ଶେଖ ଗ୍ୟାସୁଦ୍ଦିନ୍ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଏମସିଏ ବିଭାଗ ଅଧ୍ୟକ୍ଷ ଜୀବନାନନ୍ଦ ମିଶ୍ର ଛାତ୍ରଛାତ୍ରୀଙ୍କ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟି ମନୋଜ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଡ. ପ୍ରଦୀପ ଗିରି, ସଗୁପ୍ତା କାଦ୍ରି, ଶୁଭଲକ୍ଷ୍ମୀ ସାହୁ, ଦେବବ୍ରତ ସାହୁ, ଦିଲ୍ଲୀପ କୁମାର ଦାସ, ଶୁଭାଶିଷ ଦାସ, ନିର୍ମଳ ସେଠୀ, ସୁବ୍ରତ ବେହେରା, ମାନସୀ ମହାଳିକ, ପ୍ରମିଳା ଦାସ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ପରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଘର ଭାଙ୍ଗି ଓଲଟିଲା ବାଲିବୋଝେଇ ହାଇୱା

ହାଟଡ଼ିହୀ/ସୋସୋ, ୪।୨(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ନିକଟରେ ଶନିବାର ରାତ୍ର ପ୍ରାୟ ସାଢ଼େ ୧୧ଟା ସମୟରେ ଏକ ୧୦ଚକିଆ ହାଇୱା ରାସ୍ତାକଡ଼ରେ ଥିବା ଏକ କଦମ୍ବ ଗଛ ସହ ଜଳଖିଆ ଦୋକାନ ଘରକୁ ଭାଙ୍ଗି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଦୋକାନୀ କିଶୋର ଭୋଳଙ୍କ ଦୋକାନ ଘର ଭାଙ୍ଗିଥିବା ବେଳେ ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ନଷ୍ଟ ହେଇଯାଇଛି।



ଏଥିରେ ବାଲିବୋଝେଇ ହାଇୱା ଟ୍ରକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗାଡ଼ିରୁ ଡେଇଁ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ନନ୍ଦିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହ ଗଛ ପଡ଼ି ରାସ୍ତାଟି ଅବରୋଧ ହୋଇଥିବା ଦେଖି ଦମକଳ ବାହିନୀଙ୍କ ଦ୍ୱାରା ଗଛକୁ କାଟି ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବିଜୁ ଜନତା ଦଳର ସମୀକ୍ଷା ବୈଠକ



ତୁରୁମୁଙ୍ଗା/ପାଟଣା, ୪।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକର ଜଜପଶି, ଜାଲି, ଷଡଙ୍ଗୀ, ଭୂଇଁପୁର, ଜ୍ୟୋତିପୁର ଏବଂ ପର୍ଶଳା ପଞ୍ଚାୟତ ର ସମସ୍ତ ବରିଷ୍ଠ ମହିଳା, ଯୁବ ଛାତ୍ର, କର୍ମୀ ଏବଂ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ନେଇ ରବିବାର ଜ୍ୟୋତିପୁର ପଞ୍ଚାୟତ ବଣକାଟି ଠାରେ ଜୋନସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ତଥା କେନ୍ଦୁଝର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପହି, ବରିଷ୍ଠ କର୍ମୀ ଅଜୟ ପଟ୍ଟନାୟକ, ଯୁବ ନେତା ଭାଗିରଥି ଦାଶ, କିଶୋର ବେହେରା, ଦିନେଶ ବେହେରା ଯଦୁମଣି ନାଏକ ଯୋଗ ଦେଇଥିଲେ। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ ମଲାରପଦା ପଞ୍ଚାୟତର ଯାମୁଦା ଠାରେ ପାଟଣା ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଯୁବ ସଭାପତି ସତ୍ୟ ନାରାୟଣ ପଣ୍ଡା ନେତୃତ୍ୱରେ ପଞ୍ଚାୟତ ଯୁବ ସଭାପତି ନିହାର ମହାକୁଡଙ୍କ ଅଧ୍ୟକ୍ଷତାରେ ଯୁବଛାତ୍ର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟଅତିଥି ଭାବରେ ବ୍ଲକ ସଂଯୋଜକ ପ୍ରଶାନ୍ତ ଭଞ୍ଜ, ନିର୍ବାଚନ ମଣ୍ଡଳୀ ଯୁବ ସଭପତି କମଳା ବାରିକ, ନିର୍ବାଚନ ମଣ୍ଡଳୀ ସୋସିଆଲ ମିଡ଼ିଆ ସଂଯୋଜକ ସମୀର ବେହେରା, ଛାତ୍ର ଜିଲ୍ଲା ଉପସଭାପତି ବିପ୍ଲବ ପୃଷ୍ଟି, ବ୍ଲକ ଛାତ୍ର ସଭାପତି ଭବାନୀ ମହାନ୍ତ, ପଞ୍ଚାୟତ ଛାତ୍ର ସଭାପତି ଆକାଶ ସେଠୀ ଏବଂ ପଞ୍ଚାୟତର ସମସ୍ତ ଯୁବ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ରହି ପଞ୍ଚାୟତର ଯୁବ ଛାତ୍ର ସଂଗଠନ ବାବଦରେ ବିସ୍ତୃତ ଆଲୋଚନା କରାଯାଇ ଥିଲା।

## ପାଟଣାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ତୁରୁମୁଙ୍ଗା, ୪।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡ଼ିଓ ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର କେନ୍ଦୁଝର ଜିଲ୍ଲା ସଦସ୍ୟ ପିନାକୀ ମିଶ୍ର ଯୋଗଦେଇ ଥିବା ବେଳେ ଆକାଶବାଣୀ କେନ୍ଦ୍ର କେନ୍ଦୁଝରର ଉଦ୍‌ଘୋଷିକା ଇନ୍ଦୁମତୀ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ, ସାହିତ୍ୟିକ ପାର୍ଥସାରଥୀ ବେଜ, ଭରତ ଚନ୍ଦ୍ର ସାହୁ ଏବଂ ଜିପିଇଓ ରଶ୍ମିରେଖା ମହାନ୍ତି ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାୟ ୧୦୦୦ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ପୁସ୍ତକ ଏଥିରେ ପ୍ରଦର୍ଶିତ ହୋଇଥିଲା। ପାଟଣା ଅଞ୍ଚଳରେ ଭାଷା ସାହିତ୍ୟ ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ତମ୍ଭକାର ବୀରକିଶୋର ଦାଶ, ଭରତ ଚନ୍ଦ୍ର ସାହୁ, ଶାନ୍ତନୁ କୁମାର ସାହୁ, ପାଲା ଓ ସଂସ୍କୃତି ମାଧ୍ୟମରେ ଓଡ଼ିଆ ଭାଷାକୁ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୈଳାସ ବାରିକଙ୍କୁ ଏବଂ ସନାତନ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥି ସହ ଦୁଇଟି ପାଲା ଦଳ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ଆଧାରିତ ସଚେତନତା ସୃଷ୍ଟି କରାଯାଇଥିଲା।



**କେନ୍ଦୁଝର ଜିଲ୍ଲା ଗସ୍ତରେ ମହାରାଷ୍ଟ୍ରର ସ୍ୱତନ୍ତ୍ର ପ୍ରତିନିଧି**

# ରୂପାନ୍ତରିତ ହାଇସ୍କୁଲର କାର୍ଯ୍ୟଶୈଳୀକୁ ପ୍ରଶଂସା

ଘସିପୁରା, ୪।୨(ସମିସ)



ରାଜ୍ୟ ସରକାରଙ୍କ '୫-ଟି' ଯୋଜନା ଦେଶବ୍ୟାପୀ ଚର୍ଚ୍ଚା ସାଉଁଟିବା ସହ ଅନ୍ୟ ପାଇଁ ସାଜିଛି ଉଦାହରଣ। ରାଜ୍ୟ ସରକାରଙ୍କ '୫-ଟି' ଅଧୀନର ଥିବା ବିଭିନ୍ନ ବିଭାଗର ରୂପାନ୍ତରିତ କାର୍ଯ୍ୟକୁ ଅତି ନିକଟରୁ ପରଖିବାକୁ ମହାରାଷ୍ଟ୍ର ସରକାରଙ୍କ ସୌଜନ୍ୟରୁ ରବିବାର ଏକ ୪୦ ଜଣିଆଁ ପ୍ରତିନିଧି ମଣ୍ଡଳୀ ଶାଲିନ କବିଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଧୀନ ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ହାଇସ୍କଲ ପରିଦର୍ଶନ କରିଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ '୫-ଟି' ଅଧୀନରେ ହୋଇଥିବା ସ୍କୁଲର ରୁପାନ୍ତରଣ କାର୍ଯ୍ୟ ଦେଖି ଅଭିହିତ ହେବା ସହ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ପ୍ରତିନିଧି ମଣ୍ଡଳୀ ବିଦ୍ୟାଳୟର ଇ-କ୍ଲାସ ରୁମ, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ ରୁମ, ବିଜ୍ଞାନଗାର, ଆଦର୍ଶ ଶୌଚାଳୟ ଏବଂ ବିଦ୍ୟାଳୟ ପରିସରରେ ଥିବା ଫୁଲ ବଗିଚା ବୁଲିବା ସହିତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଘସିପୁରା ବିଡିଓ ମାନସରଞ୍ଜନ ସାମଲ, ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ପ୍ରଦିପକୁମାର ସାହୁ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଏବଂ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଟିମ୍‌ରେ ମହାରାଷ୍ଟ୍ର ରାଜ୍ୟର ପୁନେ, ଶୋଲାପୁର ଓ ସତାର ଜିଲ୍ଲାର ୪୦ ଜଣ ସଦସ୍ୟ ବିଡିଓ, ସରପଞ୍ଚ, ସମିତି ସଭ୍ୟ ପ୍ରକଳ୍ପ ସଂଯୋଜକ ସାମିଲ ଥିବା ଜଣାପଡ଼ିଛି। ଏହି ଟିମ୍ ପରେ ଘସିପୁରା ବ୍ଲକ ଅଧୀନ ଗୋହିରାସ୍ଥିତ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଥିବା ସୂଚନା ମିଳିଛି।

## ୟୁପିଆଇ ମାଧ୍ୟମରେ ଟଙ୍କା ଠକେଇ

ଯୋଡା, ୪।୨(ସମିସ): ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ଫାଣ୍ଡି ଅଞ୍ଚଳରେ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ଜନୈକ ଯୁବକଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୟୁପିଆଇ ମାଧ୍ୟମରେ ଅନ୍‌ଲାଇନ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଠକାମିର ଶିକାର ହୋଇଥିବା ଯୁବକ ଗୌତମ ଜୟସ୍ୱାଲଙ୍କ କହିବା ଅନୁଯାୟୀ, ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରାୟ ୮୮ ହଜାର ୩୦୦ ଟଙ୍କା ଶୁକ୍ରବାର ସକାଳ ସମୟରେ ୟୁପିଆଇ ମାଧ୍ୟମରେ ଉଠାଣ ହୋଇଥିବା ମୋବାଇଲକୁ ମେସେଜ ଆସିଥିଲା। ତାଙ୍କ ଆକାଉଣ୍ଟ ଥିବା ସେଣ୍ଟ୍ରାଲ ବ୍ୟାଙ୍କର କଷ୍ଟମର କେୟାରକୁ ଫୋନ କରି ଜଣାଇବା ସହିତ ବ୍ୟାଙ୍କକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ସେ ବିଲେଇପଦା ଫାଣ୍ଡିରେ ମଧ୍ୟ ଅଭିଯୋଗ କରିଥିବା ଜୟସ୍ୱାଲ କହିଛନ୍ତି।

## ଆନନ୍ଦପୁରରେ ବ୍ରାହ୍ମଣ ମହାସଭା ବୈଠକ



ଆନନ୍ଦପୁର, ୪।୨(ସମିସ)

ଆନନ୍ଦପୁରରେ ଏକ ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭା ଗଠନ ନିମନ୍ତେ ଆଜି ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଶାଳପଡ଼ାସ୍ଥିତ ଶ୍ରୀ ହନୁମାନଜିଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ଇଂ. ନାରାୟଣ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ବୈଠକରେ ଆନନ୍ଦପୁର ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ଶ୍ରୀଦଧିବାମନଜୀଉ ଶାସନ, ଶାଳପଡ଼ା, ଟୁକୁଣା, ଭୋଳନୂଆଗାଁ, ପଦମପୁର, ଜନାର୍ଦ୍ଦନପୁର ଶାସନର ଗ୍ରାମୀନ ଓ କର୍ମକର୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅସ୍ଥାୟୀ ଭାବେ ମନୋନୀତ ହୋଇଥିବା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଆଇନିଜୀବୀ ଚିତ୍ତରଞ୍ଜନ ଦାଶ, ଶରତ କୁମାର ମିଶ୍ର, ପୁରୁଷୋତ୍ତମ ମିଶ୍ର, ମଦନମୋହନ ମିଶ୍ରଙ୍କ ପ୍ରସ୍ତାବ କ୍ରମେ ଆନନ୍ଦପୁର ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭା ଗଠନ ନିମନ୍ତେ ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ଶାସନ କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ମାର୍ଚ୍ଚ ମାସରେ ଆନନ୍ଦପୁରଠାରେ ଏକ ବ୍ରାହ୍ମଣ ମହାସଭା ସମାବେଶ ଆୟୋଜନ କରାଯିବା ପ୍ରସ୍ତାବ ସର୍ବସମତି କ୍ରମେ ଗୃହୀତ ହୋଇଥିଲା। ଏହି ଅବସରରେ ସ୍ଥାୟୀ କମିଟି ଗଠନ ହେବା ପର୍ଯ୍ୟନ୍ତ ଏକ ୯ ଜଣିଆ କୋର କମିଟି ଗଠନ କରାଯାଇଥିଲା। ଏହି କମିଟିକୁ ବଳରାମ ମିଶ୍ର, ଶାନ୍ତନୁ କୁମାର ମିଶ୍ର, ସୁରେନ୍ଦ୍ରନାଥ ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦେବ ଦାଶ, ଜଗବନ୍ଧୁ ପତି, ପ୍ରଶନ କୁମାର ମିଶ୍ର, ଶ୍ରୀ ହର୍ଷ ଶତପଥୀ, ଦାସରଥି ପଣ୍ଡା ମନୋନୀତ ହୋଇଥିବା ଜଣାଯାଇଛି।

## ଲଘୁ ଉଦ୍ୟୋଗୀ ବିକାଶ ଶିବିର

ଚମ୍ପୁଆ, ୪।୨(ସମିସ): ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ମାଧ୍ୟମରେ ଲଘୁ ଉଦ୍ୟୋଗୀ ବିକାଶ ଶିବିର ଗତ ୨ଦିନ ଧରି ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ଚମ୍ପୁଆ ବ୍ଲକ ଅଧୀନସ୍ଥ ବିଭିନ୍ନ ଗ୍ରାମସ୍ତରରେ ଗଠନ କରାଯାଇଥିବା ଜନଜାତି ପରିଷଦର ଚୟନ କ୍ରମେ ୪୪ଜଣ କ୍ଷୁଦ୍ର ଯୁବ ଉଦ୍ୟୋଗୀଙ୍କୁ ଏହି ପ୍ରଶିକ୍ଷଣ ଶିବିରରେ ଟ୍ରେନିଂ ଦିଆଯାଇଥିଲା। ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଉପବିଭାଗ ଅଧିକାରୀ ଶାନ୍ତନୁ କୁମାର ସାହୁ ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଯୁବ ଉଦ୍ୟୋଗୀମାନଙ୍କୁ କିପରି ଲାଭବାନ ହୋଇ ପାରିବେ କହିଥିଲେ। ଏହାପରେ ପ୍ରଥମ ଦିନ ଆଇଟିଡିଏ ଚମ୍ପୁଆର ବିଷୟ ବିଶାରଦ ଶରତ ଚନ୍ଦ୍ର ସାହୁ, ଚମ୍ପୁଆ ବ୍ଲକ ଜୀବିକା ବିଶେଷଜ୍ଞ ପ୍ରଦୀପ ସାହା ଏହାର ଲକ୍ଷ, ଉଦ୍ଦେଶ୍ୟ ଏବଂ ବ୍ୟବସାୟ ଉନ୍ନୟନ ଯୋଜନା ଆଦି ବିଷୟରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ବୁଝାଇ ଥିଲେ। ଶେଷ ଦିନରେ ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ ମଲ୍ଲିକ ପ୍ରଶିକ୍ଷାର୍ଥୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।



# ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର

ହାଟଡ଼ିହୀ/ସୋସୋ, ୪।୨(ସମିସ): 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ୨ୟ ଦିନରେ ହାଟଡିହୀ ବ୍ଲକର ଢ଼େଙ୍କା, ଜମ୍ବିରା ଏବଂ ମରେଇଗାଁ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ଏସବୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଢେଙ୍କା ପଞ୍ଚାୟତର ସରପଞ୍ଚ ସୁବାସିନୀ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସମିତିସଭ୍ୟା ସୁକାନ୍ତି ବିଶ୍ୱାଳ ଓ ପିଇଓ ସୁରେଶ କୁମାର ସେଠୀ, ଜିଆରଏସ୍ ବଳରାମ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ କାଳିଆ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ବିଜୁ ପକ୍କାଘର ଯୋଜନା, ମମତା ଯୋଜନା, ବିଜୁ ଜ୍ୟୋତି ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, '୫-ଟି'ରେ ସ୍କୁଲ୍-କଲେଜ୍ ରୂପାନ୍ତରଣ ଯୋଜନା, ହରିଶ୍ଚନ୍ଦ୍ର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତସ୍ତରର ଲୋକଙ୍କୁ ସଚେତନ କରାଇଥିଲେ। ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶର ଏହା ସରକାରଙ୍କ ପ୍ରୟାସ ବୋଲି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ଜମ୍ବିରା ପଞ୍ଚାୟତର ସରପଞ୍ଚ ଘନଶ୍ୟାମ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମିତିସଭ୍ୟା ପ୍ରୀତିପଦ୍ମା ରାଉତ, ଜିଆରଏସ୍ ମଧୁଛନ୍ଦା ଗିରି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିଇଓ ହରିହର ଜେନା, ଯୁବନେତା ଖଗେଶ୍ୱର ମଲ୍ଲିକ, ଛବି ମଲ୍ଲିକ, ଚଣ୍ଡୀ ରାଉତ, କୁନି ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବକମାନେ ଏଥିରେ ସହଯୋଗ କରିଥିଲେ। ସେହିପରି ମରେଇଗାଁ ପଞ୍ଚାୟତର ସରପଞ୍ଚ ସତ୍ୟଭାମା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା ଶିବିର କାର୍ଯ୍ୟକ୍ରମରେ ବିଡ଼ିଓ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇ ସଚେତନ କରାଇଥିଲେ। ଆଗାମୀ ଦିନରେ ଏହାର ଅଧିକ ସଫଳତା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ଜିଆରଏସ୍, ବରିଷ୍ଠ ନେତା ସୁରେନ୍ଦ୍ର ଜେନା, ବିଜୟ ଦାଶ, ପ୍ରମୁଖ ପରିଚାଳନା କରିଥିଲା ବେଳେ ଗ୍ରାମର ଯୁବକମାନେ ଏଥିରେ ସହଯୋଗ କରିଥିଲେ। ଅନୁଷ୍ଠିତ ଏହି ସଚେତନତା ଶିବିରରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।




## କର୍ମକାଣ୍ଡ ବିଶାରଦଙ୍କ ପରଲୋକ

ଆନନ୍ଦପୁର, ୪।୨(ସମିସ): ଆନନ୍ଦପୁର ନିକଟସ୍ଥ ଟୁକୁଣା ଶାସନ ନିବାସୀ ତଥା ବିଶିଷ୍ଟ କର୍ମକାଣ୍ଡ ବିଶାରଦ ସଦାଶିବ ମିଶ୍ର(୯୪)ଙ୍କର ପରଲୋକ ହୋଇଯାଇଛି। ସେ ମଧ୍ୟାହ୍ନ ଭୋଜନ ଖାଇସାରି ବିଶ୍ରାମ ନେଉଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା।



ଖବରପାଇ ଟୁକୁଣା ଶାସନ ସମେତ ଆଖାପାଖ ଶାସନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କର୍ମକାଣ୍ଡ ପୁରୋହିତମାନେ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ କର୍ମକାଣ୍ଡ ବିଶାରଦ ଭାବେ ଆଖପାଖ ଅଞ୍ଚଳରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ପୁଅ କୃଷ୍ଣଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ମିଶ୍ର, ମିନୁ ମିଶ୍ର, ଚନ୍ଦ୍ରମୌଳି ମିଶ୍ର, ଝିଅ, ଜ୍ୱାଇଁ, ନାତୀନାତୁଣୀ, ବନ୍ଧୁ ଓ ଆତ୍ମୀୟସୋଜନମାନେ ଉପସ୍ଥିତ ଥିଲେ।

## ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ 'କଲ୍ୟାଣ'ର ବାର୍ଷିକ ଉତ୍ସବ



ଆନନ୍ଦପୁର, ୪।୨(ସମିସ): ଆନନ୍ଦପୁର ଉପଖଣ୍ଡର ଏକମାତ୍ର ସିବିଏସ୍‌ଇ ମାନ୍ୟତାପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ କଲ୍ୟାଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ମୁଖ୍ୟଅତିଥି, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବିଶେଷ ଅତିଥି ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଗୋହିରା ଗ୍ରାମପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ପାତ୍ର ଯୋଗଦେଇଥିଲେ। ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀ ତଥା ଦଶମ ଶ୍ରେଣୀର ଛାତ୍ର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବୋର୍ଡ ପରୀକ୍ଷା ନିମିତ୍ତ ସାମୂହିକ ଅତିଥିଙ୍କ ଦ୍ୱାରା କଲ୍ୟାଣ ପ୍ରଦାନ କରାଯିବା ସହ ସେମାନଙ୍କର ଶୁଭକାମନ ଓ ସମସ୍ତଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲର ମୁଖପତ୍ର 'ପର୍କି ପେଟାଲ୍ସ'ର ଶୁଭ ଉନ୍ମୋଚନ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷ ଶିକ୍ଷାରତ୍ନ ଦିଲୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ଅଲେଖ ଚନ୍ଦ୍ର ମଲ୍ଲିକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି କବି ଡ.ଅଶୋକ କୁମାର ପୁହାଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୩ ମସିହା ନିମିତ୍ତ ବିଦ୍ୟାଳୟର ମର୍ଯ୍ୟାଦାଜନକ 'ଗୁରୁବନ୍ଦନା ସମ୍ମାନ' ଡ.ଚିତ୍ତରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ୨୧ତମ ବାର୍ଷିକ ଉତ୍ସବ 'କଲ୍ୟାଣ'କୁ ସତ୍ୟବ୍ରତ ସାହୁ, ଡ.ସୁଜାତା ଘୋଷ, ଦୀପ୍ତିମୟୀ ନନ୍ଦି, କଲ୍ୟାଣୀ ମାମ, ଲିପି ମାମ, ଗୀତାଞ୍ଜଳି ମାମ, ଜେନିଫର ମାମ, ଦ୍ୱିବେଦୀ ମାମ, ବିଭୂତି ସାର, ପାଣି ସାର, ଜଗଦାନନ୍ଦ ସାର, ଶୁଭଶ୍ରୀ ମାମ, ସୁବାସ ସାର, ସତ୍ୟାନନ୍ଦ ବରାଳ, ଶତ୍ରୁଘ୍ନ ଘଡେଇ, ମନୋଜ ବେହେରା, ସ୍କୁଲର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସା, ଅନ୍ନଦାଶଙ୍କର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ବଢ଼ିଚାଲିଛି ସାପ କାମୁଡ଼ା ମୃତକଙ୍କ ସଂଖ୍ୟା | ୧୦ ବର୍ଷରେ ଗଲାଣି ୫୭୦ରୁ ଅଧିକ ଜୀବନ

କେନ୍ଦୁଝର, ୪।୨(ସମିସ)

କେନ୍ଦୁଝର ଜିଲ୍ଲା ଏକ ବଣପାହାଡ଼ ଘେରା ଜିଲ୍ଲା ଅଟେ। ଜିଲ୍ଲାରେ ଏଇ କିଛି ବର୍ଷ ହେବ ବିଷାକ୍ତ ସାପକାମୁଡ଼ା ମୃତକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଚେତନତାର ଅଭାବ ହେଉ କିମ୍ବା କିମ୍ବା ସାପ କାମୁଡ଼ା ବ୍ୟକ୍ତିଙ୍କୁ ଡାକ୍ତର ଖାନ ପହଞ୍ଚାଇବାରେ ବିଳମ୍ବ ହେଉ ମୃତକ ସଂଖ୍ୟା ଚିନ୍ତାଜନକ ରହିଛି। ସୂଚନା ଅନୁସାରେ ସାପ କାମୁଡାରେ ଗତ ୧୦ ବର୍ଷରେ ଗଲାଣି ୯୭୨ ଲୋକଙ୍କର ଜୀବନ। ପ୍ରତି ବର୍ଷ ବିଷାକ୍ତ ସାପ କାମୁଡା ପାଇଁ ଅକାଳରେ ଝଡି ପଡୁଛି କେତେକ ଜୀବନ। ତେବେ ବିଭିନ୍ନ ଡାକ୍ତରଖାନାରେ ଯଥେଷ୍ଟ ସାପ କାମୁଡା ଇଞ୍ଜେକ୍ସନ ମହଜୁଦ୍ ଥିବା ସତ୍ତ୍ୱେ ଅନେକ ଲୋକଙ୍କ ମୃତ୍ୟୁ ହେବା ସଚେତନତା ଅଭାବରୁ ଏଭଳି ମୃତ୍ୟୁ ହେଉଥିବା କୁହାଯାଉଛି। ଗତ ବର୍ଷ ଜୁଲାଇ ଓ ଅଗଷ୍ଟ ମାସର ଦୁଇଟି ସାପ କାମୁଡା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଗୋଟିଏ ହେଉଛି କେନ୍ଦୁଝର ସହର ଉପକଣ୍ଠ ଗୁମୁରା ଗ୍ରାମରେ ଥିବା ଏକ ଘରୋଇ ହଷ୍ଟେଲରେ ସାପକାମୁଡ଼ା ମୃତ୍ୟୁ ଘଟଣା। ଏହି ହଷ୍ଟେଲରେ ଛାତ୍ରମାନେ ରାତିରେ ଖାଇପିଇ ଶୋଇଥିବା ବେଳେ ବିଷାକ୍ତ ଚିତି ସାପଟି ବିଛଣା ଉପରକୁ ଉଠି କାମୁଡ଼ିବା ଫଳରେ ଦୁଇଟି ଜୀବନ ଅକାଳରେ ଚାଲି ଯାଇଥିଲା।

ଏହି ହଷ୍ଟେଲରେ ସିସିଟିଭି ଥିବାରୁ ସାପ କାମୁଡାର ଭୟଙ୍କର ଭିଡ଼ିଓ ଭାଇରାଲ ହେବା ପରେ ଏହା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେହିପରି ଝୁମ୍ପୁରା ବ୍ଲକର ନିଶ୍ଚିନ୍ତପୁର ଗ୍ରାମରେ ଥିବା ଏକ ଘରୋଇ ହଷ୍ଟେଲରେ ସାପ କାମୁଡାରେ ତିନି ଜଣ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିବା ପରେ କେନ୍ଦୁଝର ଜିଲ୍ଲାରେ ସାପକାମୁଡ଼ା ସମସ୍ତଙ୍କୁ ଚିନ୍ତାରେ ପକାଇଥିଲା। କେନ୍ଦୁଝର ଜିଲ୍ଲା ସମଗ୍ର ରାଜ୍ୟରେ ସାପ କାମୁଡା ଜନିତ ମୃତ୍ୟୁରେ ଦ୍ୱିତୀୟ ସ୍ଥାନରେ ରହିବା ଅନେକଙ୍କୁ ବିସ୍ମିତ କରିଛି। ସୂଚନା ଅନୁସାରେ ଗତ ୧୦ ବର୍ଷରେ କେନ୍ଦୁଝର ଜିଲ୍ଲାରେ ମୋଟ ୫୭୨ ଜଣଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଛି। ୨୦୧୫-୧୬ ମସିହାରେ ସର୍ପାଘାତରେ କେନ୍ଦୁଝର ଜିଲ୍ଲାରେ ମୋଟ ୫୫ ଜଣ ମୃତ୍ୟୁବରଣ କରିଥିଲେ। ସେହିପରି ୨୦୧୬-୧୭ ମସିହାରେ ୪୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୧୭-୧୮ ମସିହାରେ ୫୬ ଜଣ ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ୨୦୧୮-୧୯ରେ ୭୦ ଜଣ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ବେଳେ ୨୦୧୯-୨୦ ମସିହାରେ ୭୫ ଜଣ ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ୨୦୨୦-୨୧ ମସିହାରେ ୭୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୨୧-୨୨ ମସିହାରେ ୭୦ ଜଣ ଏବଂ ୨୦୨୨-୨୩ ମସିହାରେ ୭୫ ଜଣ ମୃତ୍ୟୁବରଣ କରିଛନ୍ତି। ୨୦୨୩-୨୪ରେ ଗତ ଡିସେମ୍ବର ମାସ ପର୍ଯ୍ୟନ୍ତ ୫୦ରୁ ଅଧିକ ମୃତ୍ୟୁବରଣ କରି ସାରିଛନ୍ତି।

ତେବେ ସବୁଠୁ ବଡ଼ କଥା ହେଉଛି, ସଚେତନତାର ଅଭାବରେ ହିଁ ସାପ କାମୁଡା ରୋଗୀଙ୍କ ଅଧିକ ମୃତ୍ୟୁର କାରଣ ପାଲଟିଥିବା କୁହାଯାଏ। କାରଣ ଅଧିକାଂଶ ସମୟରେ ସାପ କାମୁଡିବା ପରେ ରୋଗୀ ଡାକ୍ତରଖାନା ଅପେକ୍ଷା ଗୁଣି ଗାରେଡି ଉପରେ ଅଧିକ ନିର୍ଭର କରିଥାଏ। ବେଳେ ବେଳେ ସାପ କାମୁଡା ଜନିତ ମୃତ୍ୟୁ ପରେ ବି ରୋଗୀଙ୍କୁ ପରିବାର ଲୋକେ ଗୁଣିଆ ଦ୍ୱାରା ଝଡ଼ାଫୁଙ୍କା କରାଇଥାନ୍ତି। ଯେଉଁଥିପାଇଁ ରୋଗୀ ଚିକିତ୍ସା ଅଭାବରୁ ହିଁ ମୃତ୍ୟୁବରଣ କରିଥାଏ। କେନ୍ଦୁଝର ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଗ୍ରାମାଞ୍ଚଳରେ ଅଧିକ ସଚେତନ କରାଯାଇ ପାରିଲେ ହିଁ ସାପ କାମୁଡା ଜନିତ ମୃତ୍ୟୁ କମିପାରିବ ବୋଲି କୁହାଯାଉଥିବା ବେଳେ ସାପ କାମୁଡ଼ା ମୃତ୍ୟୁରେ ରୋକ ଲଗାଇବାକୁ ଅଧିକରୁ ଅଧିକ ପଦକ୍ଷେପ ଜରୁରି ହେଲାଣି।

